


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୭ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 07 JUNE 2021
Vol.No. 32 ■ No. 144 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୫ଟି ସହରରେ ଘରେ ପହଞ୍ଚିବ ଅକ୍ସିଜେନ୍

ଭୁବନେଶ୍ୱର,୦୬/୦୬(ନି.ପ୍ର): କରୋନା ସହ ଲଢେଇ ଭିତରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସେବାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏଣିକି ଘରେ ଘରେ ପହଞ୍ଚିବ ସଞ୍ଜିବନୀ । ୫ଟି ସହରରେ ଘରେ ପହଞ୍ଚିବ ଅକ୍ସିଜେନ୍ । ଡୋରଷ୍ଟେପ୍ ଅକ୍ସିଜେନ୍ କନସନଟ୍ରେଟର ସେବାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ । ଓଡ଼ିଶାର ୫ଟି ସହରରେ ଏଣିକି ଘରେ ବସି ରୋଗୀ ପାଇପାରିବେ ଅକ୍ସିଜେନ୍ । ଏହି ସହର ଗୁଡିକ ହେଉଛି ଭୁବନେଶ୍ୱର, ବ୍ରହ୍ମପୁର, କଟକ, ରାଉରକେଲା, ସମ୍ବଲପୁର । ଏହି ସହର ଗୁଡିକରେ ମୁଖ୍ୟମନ୍ତ୍ରୀ ଡୋରଷ୍ଟେପ୍ ଅକ୍ସିଜେନ୍ କନସନଟ୍ରେଟର ସେବାର ଶୁଭାରମ୍ଭ କରିବା ସହ ଏହା ଭବିଷ୍ୟତରେ କରୋନା ବିରୋଧୀ ଲଢେଇରେ ସହଜ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

# ବାତ୍ୟା ୟାସ କ୍ଷୟକ୍ଷତିର ଅନୁଧ୍ୟାନ କରିବାକୁ ଆଜି ଓଡିଶା ଆସିବ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର,୦୬/୦୬(ନି.ପ୍ର): ବାତ୍ୟା ୟାସ କ୍ଷୟକ୍ଷତିର ଅନୁଧ୍ୟାନ କରିବାକୁ ଆଜି ଆସିବେ କେନ୍ଦ୍ରୀୟ ଟିମ୍ । କେନ୍ଦ୍ର ଗୃହ ମନ୍ତ୍ରାଳୟର ଯୁଗ୍ମ ସଚିବଙ୍କ ନେତୃତ୍ୱରେ ଏହି କେନ୍ଦ୍ରୀୟ ଟିମ ଆସିବ । ଏଥିରେ କେନ୍ଦ୍ରରୁ ୭ଜଣ ସଦସ୍ୟ ଆସିବେ । ସେମାନେ ବାତ୍ୟାୟ ପ୍ରଭାବିତ ୪ଟି ଜିଲ୍ଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଓ ମୟୂରଭଞ୍ଜ ଗସ୍ତ କରି କ୍ଷୟକ୍ଷତିର ଅନୁଧ୍ୟାନ କରିବେ । ସୋମବାର ଓ ମଙ୍ଗଳବାର ସେମାନେ ପର୍ଯ୍ୟାୟ କ୍ରମେ ଏସବୁ ଜିଲ୍ଲାକୁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । କ୍ଷୟକ୍ଷତିର ଅନୁଧ୍ୟାନ କରିବା ପରେ ରାଜ୍ୟର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବେ । ମେ ୨୮ରେ ବାତ୍ୟାରେ ସର୍ବାଧିକ ପ୍ରଭାବିତ ହୋଇଥିବା ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର କ୍ଷତିଗ୍ରସ୍ତ ଅଂଚଳକୁ ଆକାଶ ମାର୍ଗରୁ ଦେଖିଥିଲେ ପ୍ରଧାନମନ୍ତ୍ରୀ । ତାଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ବାତ୍ୟାଞ୍ଚଳ ଦେଖିଥିଲେ । ଏରିଏଲ୍ ସର୍ଭେ ପୂର୍ବରୁ ବାତ୍ୟା ସ୍ଥିତିର ସମୀକ୍ଷା କରିଥିଲେ ନରେନ୍ଦ୍ର ମୋଦୀ । ଏଥିରେ ମୁଖ୍ୟମନ୍ତ୍ରୀ, ଦୁଇ କେନ୍ଦ୍ରମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ । ବାତ୍ୟା କ୍ଷୟକ୍ଷତି ନେଇ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ବାତ୍ୟା କ୍ଷତିର ଭରଣା ପାଇଁ ଆର୍ଥିକ ସହାୟତା ଦାବି ନକରି ଦୀର୍ଘକାଳୀନ ଭିତିରେ ଓଡ଼ିଶା କିପରି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିପାରିବ, ଏ ନେଇ ସହାୟତା ଦେବାକୁ ଅନୁରୋଧ କରିଥିଲେ ରାଜ୍ୟ ସରକାର ।



# ମୟୂରଭଞ୍ଜରେ ବାଲେଶ୍ୱର ଜିଲ୍ଲାର ବିଜେପି ନେତାଙ୍କୁ ହତ୍ୟା

## କାରରୁ ଘୋଷାରି ଆଣି ୪ ଯୁବକ ପିଟିଥିବା ସନ୍ଦେହ



ଭୁବନେଶ୍ୱର,୦୬/୦୬(ନି.ପ୍ର): ମୟୂରଭଂଜ ଜିଲ୍ଲା କପ୍ତିପଦା ଥାନା ନୂଆସାହି ଗାଁରେ ବିଜେପି ନେତାଙ୍କୁ ନିର୍ମମ ହତ୍ୟା ଅଭିଯୋଗ । ଗାଡି ସାଇଡ ମରାକୁ କେନ୍ଦ୍ର କରି ବିଚ ରାସ୍ତାରେ ବାଡେଇ ବାଡେଇ ମାରିଦେଲେ ଦୁର୍ବୃତ୍ତ । ମୃତକ ହେଲେ ବିଜେପି ଯୁବ ମୋର୍ଚ୍ଚାର ବାଲେଶ୍ୱର ଜିଲ୍ଲା ପ୍ରଭାରୀ ରଂଜିତ ପ୍ରଧାନ । ନୂଆସାହି ସ୍ଥିତ ଶ୍ୱଶୁର ଘର ନିକଟରେ କାର ସାଇଡ ମରାକୁ ନେଇ ୪ଜଣ ଯୁବକଙ୍କ ସହ ରଂଜିତଙ୍କର ଯୁକ୍ତିତର୍କ ହୋଇଥିଲା । ଯୁକ୍ତିତର୍କ ଏତେ ବଢ଼ି ଯାଇଥିଲା କି କାରରୁ ଘୋଷାରି ଆଣି ମାଡ଼ ମାରିବା ସହ ତାଙ୍କୁ ହତ୍ୟା କରଥିବା ରଂଜିତଙ୍କ ଶଶୁର ଘର ଲୋକ ଥାନାରେ ଅଭିଯୋଗ କରିଛନ୍ତି । ତେବେ ଘଟଣାରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ମଧ୍ୟ ଜଣେ ଫେରାର ଥିବା ସୂଚନା ରହିଛି । କେବଳ ଗାଡି ସାଇଡ ମରାକୁ ନେଇ ଏପରି ହତ୍ୟାକାଣ୍ଡ ହୋଇଛି ନା ଅନ୍ୟ କିଛି କାରଣ ରହିଛି ସେ ଦିଗରେ ତଦନ୍ତ କରୁଛି ପୋଲିସ ।

# ଝାରସୁଗୁଡାରେ ଓପିଏମ୍ୱାଇଏମ୍ର ୧୦୦ଟି ଅକ୍ସିଜେନ୍ ସିଲିଣ୍ଡରର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର,୦୬/୦୬ (ନି.ପ୍ର): ଓଡ଼ିଶାରେ କୋଭିଡ୍ ବେଡ୍ ଏବଂ ଆନୁଷଙ୍ଗିକ ଭିତିଭୂମି ବୃଦ୍ଧି କରାଯାଉଥିବା ବେଳେ ଡ଼ାକ୍ତର ଏବଂ ଭେଂଟିଲେଟର ଚଲାଇବା ପାଇଁ ଟେକ୍ନିସିଆନଙ୍କ ଅଭାବ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ସ୍ୱାସ୍ଥ୍ୟ ଭିତିଭୂମି ସୁଦୃଢ କରିବା ସହ ଅଧିକ ମେଡିକାଲ୍ କଲେଜ ଖୋଲିବାର ଆବଶ୍ୟକ ରହିଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। 'ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବ ମଂଚ' (ଓପିଏମୱାଇଏମ) ପକ୍ଷରୁ ଅନଲାଇନ ପ୍ଲାଟଫର୍ମରେ ଆୟୋଜିତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲାରେ ୧୦୦ଟି ଅକ୍ସିଜେନ୍ ସିଲିଣ୍ଡରର ଲୋକାର୍ପଣ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି। ସେ କହିଛନ୍ତି ଯେ



ଭାରତରେ ଜଣେ ଡାକ୍ତର ହାରାହାରି ୧୪୦୪ ଜଣଙ୍କୁ ଚିକିତ୍ସା କରୁଥିବା ବେଳେ ଓଡିଶାରେ ଜଣେ ଡାକ୍ତର ହାରାହାରି ୨୧୮୭ ଜଣଙ୍କୁ ଚିକିତ୍ସା କରୁଥିବା ତଥ୍ୟରୁ ଜଣାପଡିଛି । ସେହିପରି ଭାରତରେ ପ୍ରତି ୧ ଲକ୍ଷ ଲୋକଙ୍କ ପାଇଁ ୧୩୯ଟି ବେଡ୍ର ବ୍ୟବସ୍ଥା ଥିବାବେଳେ ଓଡିଶାରେ ହାରାହାରି ପ୍ରତି ଲକ୍ଷେ ଲୋକଙ୍କ ପାଇଁ ମାତ୍ର ୫୯ଟି ବେଡ୍ ରହିଛି । ତେଣୁ ଓଡିଶାରେ ଥିବା ପୁରୁଣା ମେଡିକାଲ କଲେଜରେ ସିଟ୍ ସଂଖ୍ୟାକୁ ବୃଦ୍ଧି କରାଯିବା ସହ ନୂଆ ମେଡିକାଲ କଲେଜ୍ ସ୍ଥାପନା ହେବା ଦରକାର । ▶▶ପୃଷ୍ଠା ୭

## ବଲିଉଡ ଅଭିନେତା ଦିଲ୍ଲୀପ କୁମାର ଅସୁସ୍ଥ



ଭୁବନେଶ୍ୱର,୦୬/୦୬(ନି.ପ୍ର): ବଲିଉଡ ଭେଟରାନ ଅଭିନେତା ଦିଲ୍ଲୀପ କୁମାରଙ୍କ ଅସୁସ୍ଥ ହୋଇପଡିଛନ୍ତି । ତାଙ୍କୁ ଆଜି ସକାଳେ ନିଶ୍ୱାସ ନେବାରେ ଅସୁବିଧା ଅନଭବ ହୋଇଥିଲା । ଏହାପରେ ତାଙ୍କୁ ସଙ୍ଗେସଙ୍ଗେ ମୁମ୍ବାଇର ପିଡି ହିନ୍ଦୁଜା ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ହସ୍ପିଟାଲରେ ଭର୍ତ୍ତି ହେବା ପରେ ଏବେ ତାଙ୍କ ଚିକିତ୍ସା ଜାରି ରହିଛି । କିଛି ମାସ ପୂର୍ବରୁ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଦିଲ୍ଲୀପ କୁମାରଙ୍କୁ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡିଥିଲା । ହେଲେ ପରେ ସେ ସୁସ୍ଥ ହୋଇ ଘରକୁ ଫେରି ଆସିଥିଲେ । ହେଲେ ଏବେ ପୁଣି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଛି । ଗତବର୍ଷ ଦିଲ୍ଲୀପ କୁମାରଙ୍କୁ ଦୁଇ ଛୋଟ ଭାଇ ଅସଲମ ଖାନ ଓ ଏହସାନ ଖାନଙ୍କ କୋଭିଡରେ ମୃତ୍ୟୁ ହୋଇଥିଲା ।

## ଫାଇଜର ନେଇଥିବା ବୟସ୍କଙ୍କୁ ନେବାକୁ ପଡିପାରେ ତୃତୀୟ ଡୋଜ୍ ଟିକା

ଭୁବନେଶ୍ୱର,୦୬/୦୬(ନି.ପ୍ର): ମେଡିକାଲ ଜର୍ଣ୍ଣାଲ 'ଦି ଲାନସେଟ' ରିପୋର୍ଟ ବଢାଇଛି ଚିନ୍ତା । ଏହି ଅନ୍ତର୍ଜାତୀୟ ପତ୍ରିକା କହିଛି ଭାରତରେ ପ୍ରଥମେ ଦେଖାଦେଇଥିବା ଡେଲଟା ଭେରିଆଂଟ ଠାରୁ ବଂଚିବା ପାଇଁ ବୟସ୍କ ଲୋକମାନଙ୍କୁ ଟିକାର ତୃତୀୟ ଡୋଜ ନେବାକୁ ପଡିପାରେ । ଲାନସେଟ୍ କେବଳ ଫାଇଜର ଟିକାର ପ୍ରଭାବକୁ ନେଇ ଏହି ଅନୁଧ୍ୟାନ କରିଛି । ରିପୋର୍ଟ ଅନୁସାରେ, ଡେଲଟା ଭେରିଆଂଟ ଦ୍ୱାରା ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କଠାରେ ଫାଇଜର ଟିକା ଆଶାଠାରୁ କମ ପରିମାଣରେ ଆଂଟିବଡି ସୃଷ୍ଟି କରିପାରିଛି । ଭରସା ଯୋଗ୍ୟ ମେଡିକାଲ ଜର୍ଣ୍ଣାଲ 'ଦ ଲାନସେଟ'ର ରିପୋର୍ଟ ପୁଣି ଚିନ୍ତା ବଢାଇଛି । ଏହି ପତ୍ରିକା କହିଛି ଭାରତରେ ପ୍ରଥମେ ଦେଖାଦେଇଥିବା ଡେଲଟା ଭେରିଆଂଟ ଠାରୁ ବଂଚିବା ପାଇଁ ବୟସ୍କ ▶▶ପୃଷ୍ଠା ୭

## କେନ୍ଦ୍ରମନ୍ତ୍ରୀଙ୍କ ହେଲ୍ଥ ଟିପ୍ସ୍ : ମଦ ଏକ ବଡ ଟନିକ୍ କରୋନା କାଳରେ ସ୍ୱାସ୍ଥ୍ୟପାଇଁ ନିହାତି ଜରୁରୀ



ନୂଆଦିଲ୍ଲୀ,୦୬/୦୬(ନି.ପ୍ର): ଡାକ୍ତର କହୁଛନ୍ତି ମଦ ସ୍ୱାସ୍ଥ୍ୟପକ୍ଷେ ହାନିକାରକ । ମଦ ପିଇବା ଦ୍ୱାରା ପରିବାର ତଥା ସମାଜରେ ଅଶାନ୍ତି ସୃଷ୍ଟି ହେଉଛି ବୋଲି ଦାବି କରି ଅନେକ ସାମାଜିକ ସଂଗଠନ ଦେଶରୁ ମଦ ବନ୍ଦ କରିବାକୁ ରାଜରାସ୍ତାରେ ବିକ୍ଷୋଭ କରୁଛନ୍ତି । ହେଲେ ଆଜି କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ଫଗନ ସିଂ କୁଲେସ୍ତାଙ୍କ ବୟାନ ଶୁଣିବା ପରେ ମଦୁଆଙ୍କ ମନ କୁଣ୍ଢେମୋଟ ହୋଇଯାଇଛି । ଆଜି ମଧ୍ୟପ୍ରଦେଶ ମଣ୍ଡଳାରେ ଏକ ସଭାକୁ ଉଦବୋଧନ ଦେବାକୁ ପହଂଚିଥିଲେ କେନ୍ଦ୍ର ଇସ୍ପାତ ରାଜ୍ୟମନ୍ତ୍ରୀ ଫଗନ ସିଂ କୁଲେସ୍ତା । ସେଠାରେ ସେ ମଦକୁ ନେଇ ଏକ ବୟାନ ଦେଇଛନ୍ତି । ସେ କହିଛନ୍ତି କି ମଦ ମଣିଷ ଶରୀରରେ ଏକ ଟନିକ୍ ଭଳି କାମକରେ । କରୋନା କାଳରେ ସ୍ୱାସ୍ଥ୍ୟପାଇଁ ମଦର ନିତ୍ୟାନ୍ତ ଆବଶ୍ୟକତା ରହିଛି । ତେଣୁ ଦେଶରେ ମଦ ପିଇବା ଲୋକଙ୍କ ସଂଖ୍ୟା ସର୍ବାଧିକ ରହିଛି । ସେ ଆହୁରି କହିଛନ୍ତି କି, କରୋନା କାଳରେ ▶▶ପୃଷ୍ଠା ୭

## ସାହାଯ୍ୟ ପାଇଁ କରୋନା ପୀଡିତଙ୍କ ଆକୁଳ ନିବେଦନ



ଭୁବନେଶ୍ୱର,୦୬/୦୬(ନି.ପ୍ର): କରୋନାରେ ପୀଡିତ ଜଣେ ୨୮ ବର୍ଷର ଯୁବକଙ୍କ ପରିବାରବର୍ଗ ସାହାଯ୍ୟ ପାଇଁ ଆକୁଳ ନିବେଦନ କରିଛନ୍ତି । ହସପିଟାଲ କହିଛି ଇସିଏମଓ ଦ୍ୱାରା ଚିକିତ୍ସା ଦରକାର । ଏଥିପାଇଁ କୋଲାକାତା ଯିବାକୁ ପଡିବ । କିନ୍ତୁ ଏହି ଚିକିତ୍ସା ପାଇଁ ଅତି କମରେ ୫୦ ଲକ୍ଷ ଟଙ୍କା ଦରକାର । ଏୟାର ଆମ୍ବୁଲାନ୍ସ ଏବଂ ଅନ୍ୟାନ୍ୟ ହସ୍ପିଟାଲ ଖର୍ଚ୍ଚ ସହ କୋଟିଏ ଟଙ୍କା ଦରକାର । ଆଉ ଏହାରି ଭିତରେ ଏହି ପରିବାର ▶▶ପୃଷ୍ଠା ୭

# ବିଶିଷ୍ଟ ଶିଳ୍ପପତି ହିମାଂଶୁ ଦାସଙ୍କ ପରଲୋକ

ବାଲେଶ୍ୱର୬/୬ (ନି.ପ୍ର) ବାଲେଶ୍ୱରର ବିଶିଷ୍ଟ ଶିଳ୍ପପତି ତଥା ବିଭିନ୍ନ ଅନୁଷ୍ଠାନରର ପୃଷ୍ଠପୋଷକ ହିମାଂଶୁ ଦାସ (୭୬)ଙ୍କ ପରଲୋକ । ଶ୍ରୀ ଦାସ କିଛିଦିନ ହେଲା ଲିଭର ସିରୋସିସ୍ ରୋଗରେ ଆକ୍ରାନ୍ତ ଥିଲେ । ଆଜି ଅପରାହ୍ନରେର ନିଃଶ୍ୱାସପ୍ରଶ୍ୱାସ ନେବାରେର କଷ୍ଟ ଅନୁଭବ କରିବାରୁ ତାଙ୍କୁ ଫକୀରମୋହନ ମେଡିକାଲ କଲେଜ ହସ୍ପିଟାଲ ନିଆଯାଇଥିଲା । ସେଠାରେ ତାଙ୍କୁ ଅଇସିୟୁରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିବା ବେଳେ ରାତି ୧୧ଟା ୪୦ ମିନିଟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ସୂଚନା ମିଳିଛି । ଶ୍ରୀ ଦାସ ବାଲେଶ୍ୱର ଜିଲ୍ଲା ତଥା ଓଡ଼ିଶାର ଶିଳ୍ପ ଜଗତରେର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଏବଂ ଜଣେ ବିଶିଷ୍ଟ ସମାଜସେବୀ ଭାବେ ଜଣାଶୁଣା ଥିଲେ । ହରି ପ୍ଲାଷ୍ଟ, ହରି ମେରାଇନ୍, ହରି ମୋଟର୍ସ, ଓଡ଼ିଶା ରବର ଓ ମଡର୍ଣ୍ଣ ପବ୍ଲିକ୍ ସ୍କୁଲର ସେ ପ୍ରତିଷ୍ଠାତା ଥିଲେ । ବାଲେଶ୍ୱର ଆର୍ଟ କଲେଜ, ବାଲେଶ୍ୱର ଲ' କଲେଜ ଆଦି ଅନୁଷ୍ଠାନ ପ୍ରତିଷ୍ଠା ହେବାରେ ତାଙ୍କର ଅବଦାନ ରହିଥିଲା । ଏଥିସହ ବାଲେଶ୍ୱର ଶିଳ୍ପ ଓ ବଣିକ ସଂଘ



ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଆଲୁମ୍ନି ସଂଘର ସଭାପତି ଦାୟିତ୍ୱ ତୁଲାଉଥିଲେ । ବାଲେଶ୍ୱର ସହର ଉପକଣ୍ଠରେ ଥିବା ନୋସି ବିଜ୍ନେସ ପାର୍କ ପ୍ରତିଷ୍ଠାରେ ମଧ୍ୟ ସେ ବିଶେଷ ଭୂମିକା ନିର୍ବାହ କରିଥିଲେ । ବାଲେଶ୍ୱର ସହରର ବିକାଶ ସହିତ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ରହି ଶିକ୍ଷା, ସଂସ୍କୃତି, ସାହିତ୍ୟ ଓ କଳାର ବିକାଶ ପାଇଁ ଉଦ୍ୟମ ଜାରି ରଖିଥିଲେ । ଜଣେ ଜନଦରଦୀ ଓ ଅମାୟିକ ବ୍ୟକ୍ତିତ୍ୱ ଥିଲେ ଶ୍ରୀ ଦାସ । ସାଧାରଣ ଲୋକଙ୍କ ସୁଖଦୁଃଖରେ ସାମିଲ ହେଉଥିଲେ । ତାଙ୍କରର ଅକାଳ ବିୟୋଗ ସମଗ୍ର ବାଲେଶ୍ୱର ଜିଲ୍ଲା ପାଇଁ ଏକ ଅପୂରଣୀୟ କ୍ଷତି । ତାଙ୍କ ବିୟୋଗ ଖବର ପାଇ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି ।

## ଆସନ୍ତା ୧୦ତାରିଖରେ ଉତ୍ତରପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହେବ ଲଘୁଚାପ

ଭୁବନେଶ୍ୱର,୦୬/୦୬(ନି.ପ୍ର): ଆସନ୍ତା ୧୦ତାରିଖରେ ଉତରପୂର୍ବ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବ । ତାପରେ ସମଗ୍ର ପୂର୍ବ ଭାରତରେ ମୌସୁମୀ ଆସିବ ।ପାଣିପାଗ ସଂସ୍ଥା ସ୍କାଏମେଟର ପୂର୍ବାନୁମାନ ଅନୁସାରେ ଆସନ୍ତା ୮ ତାରିଖରେ ସିଆମ ଉପସାଗର ଓ ମିଆଁମାର ଉପକୂଳରେ ଏକ ସାଇକ୍ଲୋନିକ ସର୍କୁଲେସନ ସୃଷ୍ଟି ହେବ । ଏହି ସାଇକ୍ଲୋନିକ ସର୍କୁଲେସନର ପ୍ରଭାବରେ ଆସନ୍ତା ୧୦ ତାରିଖ ବେଳକୁ ଉତର-ପୂର୍ବ ବଙ୍ଗୋପସାରଗରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ୧୧ ତାରିଖ ବେଳକୁ ଏହା ଆହୁରି ଘନୀଭୂତ ହୋଇ ଏକ ଡିପ୍ରେସନ



ବା ଅବପାତରେ ପରିଣତ ହେବ । ଏହାର ପ୍ରଭାବରେ ଓଡିଶା ସମେତ ସମଗ୍ର ପୂର୍ବଭାରତ , ବିହାର ଓ ଛତିଶଗଡରେ ମୌସୁମୀକୁ ଆଣିବାରେ ସହାୟକ ହେବ । ଏପରିକି ଏହି ଲଘୁଚାପ ପ୍ରଭାବରେ ପଶ୍ଚିମଭାରତର କେତେକ ଅଞ୍ଚଳକୁ ମୌସୁମୀ ଅଗ୍ରଗତି କରିବ ବୋଲି ଆକଳନ କରିଛି ସ୍କାଏ ମେଟ୍ । ତେବେ ରଜ ବେଳକୁ ଅର୍ଥାତ ଜୁନ୍ ୧୪ ବେଳକୁ ଓଡିଶାକୁ ମୌସୁମୀ ଆସିବ ବୋଲି ପୂର୍ବରୁ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ ।

## ପୁଣି ବଢ଼ିଲା ପେଟ୍ରୋଲ, ଡିଜେଲର ଦାମ୍ : ଦିଲ୍ଲୀରେ ପେଟ୍ରୋଲ ୯୫ ଟଙ୍କା ପାର୍

ନୂଆଦିଲ୍ଲୀ,୦୬/୦୬ (ନି.ପ୍ର):କରୋନର ଦ୍ୱିତୀୟ ଲହର ସହିତ ସଂଗ୍ରାମ କରୁଥିବା ଜନସାଧାରଣଙ୍କ ଜୀବନକୁ ଅଧିକ କଷ୍ଟସାଧ୍ୟ କରିଛନ୍ତି ତୈଳ କମ୍ପାନୀ। ପବ୍ଲିକ୍ ସେକ୍ଟର ତୈଳ ମାର୍କେଟିଂ କମ୍ପାନୀ ଗୁଡ଼ିକ ପୁଣି ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି କରିଛନ୍ତି । ଏହି ବୃଦ୍ଧି ସହିତ ପେଟ୍ରୋଲ ଲିଟର ପିଛା ୨୭ ପଇସା ଏବଂ ଡିଜେଲ ଲିଟର ପିଛା ୨୯ ପଇସା ମହଂଗା ହୋଇଛି। ରବିବାର ଦିନ ଦିଲ୍ଲୀରେ ପେଟ୍ରୋଲର ମୂଲ୍ୟ ଲିଟର ପିଛା ୯୫ ଟଙ୍କା ଅତିକ୍ରମ କରିଛି । ଇଣ୍ଡିଆନ ଅଏଲ ୱେବ୍ସାଇଟ୍ ଅନୁଯାୟୀ ଦେଶର ୪ଟି ମହାନଗରୀ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଏବଂ କଲିକତାରେ ପେଟ୍ରୋଲର ମୂଲ୍ୟ ଲିଟର ପିଛା ୯୫.୦୩, ୧୦୧.୨୫, ୯୬.୪୭ ଏବଂ ୯୫.୦୨ ଟଙ୍କାକୁ ବୃଦ୍ଧି ପାଇଛି। ଏଥି ସହିତ ଏହି ମେଟ୍ରୋ ଗୁଡ଼ିକରେ ଡିଜେଲର ମୂଲ୍ୟ ମଧ୍ୟ ଯଥାକ୍ରମେ ଲିଟର ପିଛା ୮୫.୯୫, ୯୩.୧୦, ୯୦.୬୬ ଏବଂ ୮୮.୮୦ ଟଙ୍କାକୁ ବୃଦ୍ଧି ପାଇଛି। ଉଲ୍ଲେଖନୀୟ ଯେ, ଗତ ଏକ ମାସ ମଧ୍ୟରେ ତୈଳ ମାର୍କେଟିଂ କମ୍ପାନୀ ଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ୨୦ ଦିନ ବୃଦ୍ଧି କରିଛନ୍ତି । ଏହି ବୃଦ୍ଧି ସହିତ ପେଟ୍ରୋଲ ଲିଟର ପିଛା ୪.୭୧ ଟଙ୍କା ଏବଂ ଡିଜେଲ ଲିଟର ପିଛା ୫.୧୭ ଟଙ୍କା ବୃଦ୍ଧି ଘଟିଛି । ତେବେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି ।

## ପ୍ରାଧ୍ୟାପକ ଡ. ସନ୍ତୋଷ ଗୋପାଳ ମହାନ୍ତିଙ୍କ ପରଲୋକ



ଭଦ୍ରକ,୬/୬ (ନି.ପ୍ର): ଚରମ୍ପା ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପୂର୍ବତନ ମୁଖ୍ୟ ଅବସରପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପକ ଡ. ସନ୍ତୋଷ ଗୋପାଳ ମହାନ୍ତି (୬୧)ଙ୍କର ଗତ ୨ ତାରିଖରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କ ପ୍ରଫୁଲ୍ଲନଗର ସ୍ଥିତ ବାସ ଭବନରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଅନ୍ତିମ ଶଯ୍ୟା ନିକଟରେ ପତ୍ନୀ ପ୍ରାଧ୍ୟାପିକା ସତୀରାଣୀ ମହାନ୍ତି, ଦୁଇଝିଅ ଅଙ୍କିତା ଓ ବଂଶିତା, ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଜନ୍ମସ୍ଥାନ ଜଗନ୍ନାଥପୁର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବଡଝିଅ ଅଙ୍କିତା ମୁଖାଗ୍ନି ଦେଇଥିଲେ। ଚରମ୍ପା ମହାବିଦ୍ୟାଳୟ ଓ ଭଦ୍ରକ ମହିଳା ମହାବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନରେ ଓଡ଼ିଆ ଭାଷା ଓ ସାହିତ୍ୟର ଅଧ୍ୟାପକ ଭାବରେ ସେ କାର୍ଯ୍ୟ କରିଥିଲେ। ଔପନ୍ୟାସିକ ନିତ୍ୟାନନ୍ଦ ମହାପାତ୍ରଙ୍କ ଉପରେ ଗବେଷଣା କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି. ଡିଗ୍ରୀ ପ୍ରାପ୍ତ ହୋଇଥିଲେ। ଜଣେ ସୁନାମଧନ୍ୟ, ଛାତ୍ର ବତ୍ସଳ ଅଧ୍ୟାପକ ତଥା ପରୋପକାରୀ ସ୍ନେହୀ ସମାଜସେବୀ ମଣିଷ ଭାବରେ ତାଙ୍କର ବେଶ୍ ଖ୍ୟାତି ଥିଲା। ତାଙ୍କର ଅକାଳ ବିୟୋଗରେ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଗଭୀର ଶୋକ ପ୍ରକଟ କରିବା ସଂଗେ ସଂଗେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୭୨ୟୁନିଟ୍ ରକ୍ତ ସଂଗ୍ରହ

ଧାମନଗର,୬/୬ (ନି.ପ୍ର): ଧାମନଗର ଅଂଚଳର ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ କୋଭିଡ଼-୧୯ ନିୟମ ପାଳନ ପୂର୍ବକ ପାଳିତ ହୋଇଯାଇଛି। ଏହି ଅବସରରେ ନବୀନ ବାବୁଙ୍କ ଓଡ଼ିଶା- ମୋ ପରିବାର, ଯୁବବିଜେଡ଼ି ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ନିରାଡ଼ମ୍ବର ଭାବେ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକ ଅନ୍ତର୍ଗତ ସୋହଡ଼ା ପଂଚାୟତ ସ୍ଥିତ ପିତେଇପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକମକୁ ଧାମନଗର ପଂଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିସରରେ ବୃକ୍ଷରୋପଣକରିବା ସହ ବୃକ୍ଷ ହିଁ ଜୀବନ, ଗୋଟିଏ ଗଛ ଲଗାନ୍ତୁ ଏବଂ ତାକୁ ଯତ୍ନର ସହିତ ବଢାନ୍ତୁ ବୋଲି ଶ୍ରୀ ନାୟକ ଉପସ୍ଥିତ ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମଲ୍ଲିକ, ସୁଶାନ୍ତ କୁମାର ପଣ୍ଡା, ବିଜେଡ଼ି ବ୍ଲକ ସଭାପତି ଉମେଶ ମହାନ୍ତି, ଯୁବ ବିଜୁ ଜନତାଦଳ ବ୍ଲକ ସଭାପତି ଭାରତ ବିଜୟ ଦଳାଇ,



ବିଜେଡ଼ି ମହିଳା ବ୍ଲକ ସଭାନେତ୍ରୀ ସୁରତୀ ନାୟକ, ସମାଜସେବୀ ନିତ୍ୟାନନ୍ଦ ମିଶ୍ର, ନିରାକାର ତରାଇ, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଉକ୍ତ ରକ୍ତଦାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ସ୍ୱଛେଚ୍ଛକୃତ ରକ୍ତଦାନ ଶିବିରରେ ମୋଟ ୭୨ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି ବୋଲି ସମ୍ବାଦ ବ୍ଲକ ପ୍ରତିନିଧି କୃଷ୍ଣଚନ୍ଦ୍ର ଜେନାଙ୍କ ଠାରୁ ସୂଚନା ମିଳିଛି। ଭଦ୍ରକ ରକ୍ତ ଭଣ୍ଡାରର କର୍ମଚ୍ଚରୀ ମାନେ ଉପସ୍ଥିତ ରହି ସହଯୋଗ କରିବା ସହ ରକ୍ତସଂଗ୍ରହ କରିଥିବା ଜଣାଯାଇଛି।

## ଅଂଗନୱାଡି କର୍ମୀଙ୍କ ଦ୍ୱାରା ଗଡସାହି ଗ୍ରାମକୁ ସାନିଟାଇଜ୍

ଜଳେଶ୍ୱର,୫/୬ (ନି.ପ୍ର) : ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱରରେ କରୋନା ଦିନକୁ ଦିନ କାୟା ମେଲାଇ ଚାଲୁଥିବାରୁ ଏହାକୁ ରୋକିବାଲାଗି ବିଭିନ୍ନ ସଂଗଠନ ପକ୍ଷରୁ ଲୋକମାନଙ୍କୁ ସଚେତନତା କରାଯିବା ସହିତ ବିଭିନ୍ନ ଜନଗହଳି ସ୍ଥାନକୁ ସାନିଟାଇଜ୍ କରାଯାଉଛି। କେ. ଏମ୍ ସାହି ପଂଚାୟତର ଗଡସାହି ଗାଁରେ ଥିବା ବିଭିନ୍ନ ସ୍ଥାନକୁ ଏପରିକି ଘରକୁଘର ବୁଲି ସାନିଟାଇଜ୍ କରାଯାଉଛି। ଅଂଗନୱାଡି କର୍ମୀ ମମତା ଦାସ ମହାପାତ୍ର ଓ ଆଶା ଦିଦି ମୀନତି ମହାନ୍ତି ନିଜେ ଏହି ସାନିଟାଇଜ୍ କାର୍ଯ୍ୟରେ ଯୋଗ ଦେବା ସହିତ ଲୋକମାନଙ୍କୁ ସଚେତନ କରାଉଥିବା ଦେଖିବାକୁ ମିଳିଛି। ସେମାନଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

## ଭଦ୍ରକରେ ବିଶ୍ୱ ପରିବେଶ ଦିବସ ପାଳିତ

ଭଦ୍ରକ,୬/୬ (ନି.ପ୍ର): ଅସନ୍ତୁଳିତ ବିଶ୍ୱ ଏବେ ମନୁଷ୍ୟାକୃତ ବୃକ୍ଷାରାଜି ନାଶ କାରଣରୁ ଧ୍ୱଂସାଭିମୁଖୀ ହେଉଛି। ଯାହାର ସୂଚନା ମନୁଷ୍ୟ ଜାତିକୁ ବିଶ୍ୱ ନିୟନ୍ତା, ନିକଟରେ ସଂଘଠିତ ଫାଇଲିନ୍, ହୁଡ୍‌ହୁଡ୍, ଫନି, ବୁଲ୍‌ବୁଲ, ତିତ୍‌ଲି, ଅମ୍ପାନ, ୟାସ୍ ଭଳି ଦୈବି ଦୁର୍ବିପାକ ଦ୍ୱାରା ସୂଚାଇଛନ୍ତି। ତେବେ ମଧ୍ୟ ଏ ମଣିଷ ସଚେତନ ହେଉନାହିଁ। ଅନୁରୂପ ସମଗ୍ର ଜୀବଜଗତ ଆଜି ଯେତେବେଳେ କରୋନା ମହାମାରୀ ଜନିତ ରୋଗରେ ତ୍ରାହି ତ୍ରାହି ଡାକୁଛି, ସେତେବେଳେ ଅମ୍ଳଜାନର ଅଭାବ ତାକୁ ମୃତ୍ୟୁ ଆଡକୁ ଠେଲିନେଉଛି। ଯାହା ଶତକଡା ୨୦ ଭାଗ ବୃକ୍ଷରାଜିରୁ ଆମେ ପାଇଥାଉ ବୋଲି ଆଜି ସାଳନ୍ଦୀ ବିକାଶ ମଂଚ ଓ ଲାୟନ୍ସ କ୍ଲବ୍ ଭଦ୍ରକର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସରେ ମତପ୍ରକାଶ ପାଇଛି। ସରକାରଙ୍କ କୋଭିଡ୍ କଟକଣା ମଧ୍ୟରେ ଏହି ଦିବସକୁ ଉଭୟ ସଂଗଠନ ନିରାଡମ୍ବର ଭାବରେ ପାଳନ କରି ଗେଲପୁରରେ ନିର୍ମାଣାଧୀନ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ଏହି ଅବସରରେ ଉପସ୍ଥିତ କର୍ମକର୍ତ୍ତାମାନେ ପ୍ରଦୂଷିତ ସାଳନ୍ଦୀ ନଦୀର ସୁରକ୍ଷା ଦିଗରେ ସମସ୍ତ ଜନସାଧାରଣଙ୍କୁ ଆଗେଇ ଆସିବାକୁ ଆହ୍ୱାନ ଦେଇ ଏହାର ତଟବର୍ତ୍ତୀ ଅଂଚଳରେ ବୃକ୍ଷରୋପଣ କରିବାକୁ ପରାମର୍ଶ ଦେଇଥିଲେ।



ଏଥିରେ ସାଳନ୍ଦୀ ବିକାଶ ମଂଚର ସାଧାରଣ ସଂପାଦକ ପ୍ରତାପ ପାଢୀ, ଉପସଭାପତି ତଥା ଭଦ୍ରକ ଲାୟନ୍ସ କ୍ଲବ୍‌ର ସଭାପତି ଅଶୋକ ମହାନ୍ତି, ସାଳନ୍ଦୀ ବିକାଶ ମଂଚର ଉପସଭାପତି ତଥା ମିଡିଆ ସେଲ୍‌ର ଅଧ୍ୟକ୍ଷ ପ୍ରମୋଦ ରାୟ, କୋଷାଧ୍ୟକ୍ଷ ନିରୁପମା ମହାନ୍ତି, ସଂପାଦକ ସୁବାଷ ବୈରୀଗଂଜନ, ଭଦ୍ରକ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର କନିଷ୍ଠ ଯନ୍ତ୍ରୀ, ଡିଭାଇନ୍ କନ୍‌ଷ୍ଟ୍ରକସନ୍‌ର ଚେୟାରମେନ୍, ପ୍ରୀତିରଂଜନ ଦାସ, ସରୋଜ ଦାସ, ନରେନ୍ଦ୍ର ସାମଲ ପ୍ରମୁଖ ସାମିଲ୍ ଥିଲେ।

## ବିଶ୍ୱ ପରିବେଶ ଦିବସରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ଜଳେଶ୍ୱର,୬/୬ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱରରେ ଥିବା ଏକ ଛାମୁଆ ସଂଗଠନ ହେଲ୍ପ ଫର ଫାଉଣ୍ଡେସନ ପକ୍ଷରୁ ଆଜି ଶନିବାର ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ସରସିଦା ଗ୍ରାମରେ ବୃକ୍ଷରୋପଣ କରାଯାଇଛି। କରୋନା ସମୟରେ ଅମ୍ଳଜାନର ଆବଶ୍ୟକତା ଥିବାରୁ ଓ ପରିବେଶକୁ ନିର୍ମଳ ରଖିବାକୁ ଏପରି ପ୍ରୟାସ ବୋଲି ସଂଗଠନର ସଭାପତି ମାନସ ରଂଜନ ଧଳ କହିଛନ୍ତି। ବୃକ୍ଷରୋପଣ ସହିତ ବିଭିନ୍ନ ସ୍ଥାନରେ ସଫେଇ କରିବା ଓ ସାନିଟାଇଜ୍ ମଧ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂପାଦକ ସୁବାଶିଷ ମାନସ ରଂଜନ ରାଉଳ, ସୁଜିତ୍ କାମିଲା, ଗୋପିକୃଷ୍ଣ ପ୍ରଧାନ, ଗଗନବିହାରୀ ସାହୁ, ଦେବୀଦାସ ପଣ୍ଡା, ହେମନ୍ତ ପାତ୍ର, ବିଶ୍ୱଜିତ୍ କରଣ, ସୁଶାନ୍ତ ସାହୁ, ଚିନ୍ମୟ ରାଉଳ, ତପନ ଧଳ, ଚିନ୍ମୟ ପ୍ରମାଣିକ, ଚନ୍ଦନ ଜେନା, ରାମଚନ୍ଦ୍ର ଦତ୍ତ, ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ବୃଦ୍ଧ ବ୍ୟବସାୟୀଙ୍କୁ ମାଡ଼ ଘଟଣାର ତଦନ୍ତ ଆରମ୍ଭ

ଝାରସୁଗୁଡା ,୬/୬ (ନି.ପ୍ର): କୋଭିଡ୍ ତଦାରଖ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଝାରସୁଗୁଡ଼ା ଅତିରିକ୍ତ ତହସିଲଦାର ଯୋଗୀତା ତିର୍କୀ ବୁଧବାର ଜଣେ ବୃଦ୍ଧ ତରଭୂଜ ବିକାଳୀ ଏବଂ ତାଙ୍କର ନାବାଳକ ପୁଅଙ୍କୁ ବାଡିରେ ମାଡ଼ ମାରିଥିଲେ। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରଲା ହୋଇଥିଲା। ଏନେଇ ବ୍‌ରଜରାଜନଗରର ମାନବାଧିକାର କର୍ମୀ ରବି ସୋନୀ ଶୁକ୍ରବାର ମାନବାଧିକାର କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ଦାବି କରିଛନ୍ତି। ଫଳରେ ଜିଲା ପ୍ରଶାସନ ପାଇଁ ଏହା ମୁଣ୍ଡ ବିନ୍ଧାର କାରଣ ହୋଇଛି। ଏଭଳି ସ୍ଥିତିରେ ଜିଲାପାଳ ସରୋଜ କୁମାର ସାମଲ ଘଟଣାର ତଦନ୍ତ ପାଇଁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ୨ ଦିନ ପରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଜିଲା ପ୍ରଶାସନ ତରଫରୁ ମାଡ ଖାଇଥିବା ବୃଦ୍ଧ ବ୍ୟବସାୟୀ ଦେବେନ ଝା ଓ ତାଙ୍କର ନାବାଳକ ପୁଅଙ୍କୁ ଏକ ସ୍ୱତନ୍ତ୍ର ଗାଡିରେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏପରିକି ମାଜିଷ୍ଟ୍ରେଟ୍ ତଥା ଅତିରିକ୍ତ ତହସିଲଦାର ତିର୍କୀଙ୍କୁ ମଧ୍ୟ କାର୍ଯ୍ୟାଳୟକୁ ଡକାଯାଇଥିଲା। ଉପଜିଲାପାଳ ଶିବ ଟପ୍ପୋ ପଚରାଉଚୁରା କରି ଉଭୟଙ୍କ ବୟାନ ରେକର୍ଡ କରିଥିଲେ। ଜିଲା ପ୍ରଶାସନର ପ୍ରାଥମିକ ତଦନ୍ତ ମଧ୍ୟର ଭାଇରାଲ୍ ଭିଡିଓକୁ ଦେଖିଲେ ମାଜିଷ୍ଟ୍ରେଟ୍ ବ୍ୟବସାୟୀଙ୍କୁ ବାଡିରେ ପିଟୁଥିବା ସ୍ପଷ୍ଟ ହୋଇଛି।

## କାର୍‌ରୁ ୮୩ କେଜି ଗଞ୍ଜେଇ ଜବତ: ଜଣେ ଗିରଫ

ଜୟପୁର,୬/୬ (ନି.ପ୍ର): ଜୟପୁର ସଦର ପୋଲିସ ଗଞ୍ଜେଇ ଚାଲାଣ ବେଳେ ଚଡଉ କରିଛି। ଏହି ମାମଲାରେ ପୋଲିସ ଜଣକୁ ଗିରଫ କରିଛି। ବିଶେଷ ସୂତ୍ରରୁ ଖବର ପାଇ ଜାତୀୟ ରାଜପଥ ନଂ ୩୨୬ର ପାତ୍ରପୁଟ ବ୍ରିଜ ନିକଟରେ ଚଢ଼ଉ କରିଥିଲା ପୋଲିସ। ଇନୋଭା କାର୍ ନଂ ୟୁପି- ୩୨-ଡିଏଲ- ୬୧୨୧ ରେ ଲମତାପୁଟରୁ ଉତର ପ୍ରଦେଶ ଚାଲାଣ ହେଉଥିଲା ଏହି ଗଞ୍ଜେଇ। ପୋଲିସ ର ଏକ ଟିମ୍ ପାତ୍ରପୁଟ ବ୍ରିଜ ନିକଟରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଏହି କାର୍ ରୁ ୮୩ କେଜି ଗଞ୍ଜେଇ ଜବତ ହୋଇଛି। ଯାହାର ଅନୁମାନିକ ମୂଲ୍ୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ଏହା ସହ ୩ଟି ମୋବାଇଲ, ୭୫୦ ଟଙ୍କା ଏବଂ ଏହି ଇନୋଭା କାର୍ କୁ ଜବତ କରିଛି ପୋଲିସ। ମାମଲାରେ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଉତର ପ୍ରଦେଶର ଅନିକେତ ତ୍ରିପାଠି (୨୫)। ଅଭିଯକ୍ତକୁ ଗିରଫ କରଯାଇ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡ ସୂଚନା ଦେଇଛନ୍ତି।

## ଉତ୍କଳ ଜନନୀ ସେବା ସଂଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ସାନିଟାଇଜେସନ ସହିତ ମାକ୍ସ ଓ ସାବୁନ ବଣ୍ଟନ

ଜଳେଶ୍ୱର,୫/୬ (ନି.ପ୍ର) : ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱରରେ କରୋନା ସଂକ୍ରମଣ କମୁ ନଥିବା ବେଳେ ଉତ୍କଳ ଜନନୀ ସେବା ସଂଗଠନ ପକ୍ଷରୁ ବିଭିନ୍ନ ସର୍ବସାଧାରଣ ସ୍ଥାନକୁ ସାନିଟାଜେସନ୍ କରିବା ସହିତ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରିଛନ୍ତି। ଆଜି ଶନିବାର ଉପକାରଗାରକୁ ସାନିଟାଜ୍ କରିବା ସହିତ ଅନ୍ତେବାସୀମାନଙ୍କୁ ମାକ୍ସ ଓ ସାବୁନ ବଣ୍ଟନ ସହିତ ପ୍ରତ୍ୟେକ କୋଠରୀ ଲାଗି ଡଷ୍ଟବିନ୍ ପ୍ରଦାନ କରିଛନ୍ତି। ସେହିପରି ବଡବଜାରସ୍ଥିତ ସରକାରୀ ଡାକ୍ତରଖାନା, ଥାନା, ଛମୌଜସ୍ଥିତ ନେସ୍‌ନାଲ ପଂଜାବ ବ୍ୟାଙ୍କକୁ ସାନିଟାଇଜ୍ କରିଛନ୍ତି। ସଭାପତି ହେମନ୍ତ ଜେନାଙ୍କ ସହିତ ସଂପାଦକ ସନ୍ଦୀପ ମହାନ୍ତି, ଅଜିତ୍ ଜେନା, ଜ୍ୟୋତିର୍ମୟ ଜେନା, ତପନ ମହାଳିକ, ତପନ ରଣବାଜ, ସଂଜୟ ଧଳ, ମିତାରାଣୀ ଜେନା, ଦେବି ପରିଡା, ଝାଡେଶ୍ୱର ସାହୁ, ରଘୁନାଥ ଜେନା, ଦୀପକ ଜେନା,







ଦିଲ୍ଲୀପ ଜେନା, ସେଖ୍ ମିର୍ଜା, କିରଣ ଜେନା, ସରୋଜିନୀ ପଣ୍ଡିତ, ରଂଜିତ ରଣା ପ୍ରମୁଖ ପରିଚାଳନା କରିଥିଲେ।

## ପାରିବାରିକ କଳହକୁ କେନ୍ଦ୍ରକରି ହତ୍ୟାକାଣ୍ଡ

ମାଲକାନଗିରି,୬/୬ (ନି.ପ୍ର): ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଯାନିଗୁଡା ଗ୍ରାମରେ ପାରିବାରିକ କଳହ କୁ ନେଇ ହତ୍ୟାକାଣ୍ଡ ଭଳି ଏକ ଅଭାବନୀୟ ଘଟଣା ଘଟି ଥିବା ଜଣାପଡିଛି।ଗତ ଦୁଇ ଦିନ ତଳେ ଗ୍ରାମର ସୋନୁ ଖିଲ ଓ ତାଙ୍କ ସ୍ତ୍ରୀ ଙ୍କ ମଧ୍ୟରେ କୌଣସି ଏକ କାରଣରୁ ବଚସା ହୋଇଥିଲା।ଏହି ସମୟରେ ତାଙ୍କ ପୋଢ଼ଶୀ ସୋମନାଥ ଖିଲ, ଦୈତାରୀ ଖିଲ, ରଘୁ ପାଙ୍ଗି ସେଠାରେ ପହଂଚି ସୋନୁକୁ କାଠ ଫାଳିଆ ରେ ନିସ୍ଥୁକ ମାଡ଼ ମାରିଥିଲେ, ସେ ଅଚେତ ହୋଇପଡିବାରୁ ଏମାନେ ଚାଲିଯାଇଥିଲେ।ଗୁରୁତର ଆହତ ସୋନୁ ମେଡିକାଲ ନଆସି ସ୍ଥାନିୟ କ୍ୱାକ ଙ୍କ ପାଖରେ ଚିକିତ୍ସା କରାଇଥିଲା।ଠିକ ଭାବେ ଚିକିତ୍ସା ନ ହୋଇପାରିବାରୁ ଆଜି ସକାଳୁ ସୋନୁ ଖିଲ ଙ୍କ ମୃତ୍ୟୁ ହୋଇଥିଲା।ଏହି ହତ୍ୟା ସମ୍ପର୍କ ରେ ସ୍ତ୍ରୀ ଶଶୀ ଖିଲ ଚିତ୍ରକୋଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଓକିଲଙ୍କ ନିଷ୍ପତ୍ତି: ଜୁଲାଇ ୨ ତାରିଖ ଯାଏ ଜରୁରୀ କାର୍ଯ୍ୟରେ ହିଁ ଉପସ୍ଥିତ ରହିବେ

ଜୟପୁର,୬/୬ (ନି.ପ୍ର): କୋରନା ମହାମାରି ସଂକ୍ରମଣ ବଢୁଥିବାରୁ ଜୟପୁର ସହର ଓ ଗ୍ରାମାଚଂଳ ସହ ଜିଲାରେ କରୋନା ସ୍ଥିତି ଜଟିଳ ହୋଇପଡିଛି। ଏହା ସହ ଜିଲା ବାର ସଂଘର ମଧ୍ୟ କିଛି ସଦସ୍ୟ କରୋନା ଆକ୍ରାନ୍ତ ହୋଇଛନ୍ତି। ଏହାକୁ ଦୃଷ୍ଟି ରେ ରଖି ଏକ ଗୁରୁତ୍ୱପୁର୍ଣ୍ଣ ବୈଠକ ଜୟପୁର ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ସଂଘର ସଭାପତି ସରୋଜ ଦାସ, ଉପ ସଭାପତି ଶରତ କୁମାର ମାଝୀ, ସମ୍ପାଦକ, ଯୁଗ୍ମ ସମ୍ପାଦକ ଗିରି ଧର ଖରା ପ୍ରମୁଖ ଉପସ୍ଥିତ ରହି ଆସନ୍ତା ଜୁଲାଇ ୨ ତାରିଖ ଯାଏ ଓକିଲ ମାନେ ଜରୁରୀ ମାମଲା ଛଡା ଅନ୍ୟ ମାମଲାରେ ଦୂରେଇ ରହିବାକୁ ନିଷ୍ପତି ହୋଇଛି। ଜେଲ୍ ରେ ଥିବା ଅଭିଯୁକ୍ତଙ୍କ ଜାମିନ୍ ଆବେଦନ ଉପରେ ଶୁଣାଣିରେ ଓକିଲ ଉପସ୍ଥିତ ରହିବେ। ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତ ବେଲ୍ ର ଆବେଦନ କରିବେ ଓକିଲ। ଅତି ଜରୁରିକାଳିନ ଶୁଣାଣିରେ ଓକିଲ ମାନେ ଉପସ୍ଥିତ ହେବା ସହ ଅନ୍ୟ ସବୁ ମାମଲାରେ ଓକିଲ ମାନେ ଦୂରେଇ ରହିବେ। କୋର୍ଟ ପରିସରରେ ଭିଡ଼ ନ ଜମାଇବାକୁ ଏହି ପଦକ୍ଷେପ ନିଆଯାଇଛି। ପୁରୁଣା ମାମଲାର ଶୁଣାଣିରେ ଓକିଲ ମାନେ ବର୍ତମାନ ପରିସ୍ଥିତିରେ ଉପସ୍ଥିତି ରହିବେ ନାହିଁ ବୋଲି ନିଷ୍ପତି ହୋଇଛି। ଜୁଲାଇ ୨ ତାରିଖରେ ପୁଣି ଥରେ ବୈଠକ ହେବ। ଏହି ବୈଠକରେ ପରବର୍ତି ନିଷ୍ପତି ନିଆଯିବ ବୋଲି ସୂଚନା ଦେଇଛନ୍ତି। ଏହି ନିଷ୍ପତିର ନକଲ ଜୟପୁର ସ୍ଥିତ ଜିଲା ଜଜ୍, ଅତିରିକ୍ତ ଜିଲା ଜଜ୍, ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ, ପାପିବାରିକ ଅଦାଲତର ଜଜ୍, ସିଜେଏମ କୋର୍ଟର ଜଜ୍ ଙ୍କ ନିକଟକୁ ପଠାଇ ଦିଆଯାଇଥିବା ଜଣାଯାଇଛି।

## ୨୪ଘଂଟାର ଅନଶନ ଭାଙ୍ଗିଲେ କଳିଙ୍ଗ କେଶରୀ

### ଯୁବପିଢ଼ିଙ୍କ ସମର୍ଥନ, ସୋସିଆଲ ମିଡିଆରେ ଟ୍ରୋଲ

ବାରିପଦା ,୬/୬ (ନି.ପ୍ର): କୋଭିଡ ମହାମାରୀ ତାର କାୟା ବିସ୍ତାର କରୁଥିବା ବେଳେ ସଚେତନତା ଓ ଉପଯୁକ୍ତ ଚିକିତ୍ସା ଏହାର ଏକ ମାତ୍ର ଉପାୟ। କିନ୍ତୁ ଚିକିତ୍ସା ନାମରେ ଜିଲ୍ଲାରେ ଥିବା କୋଭିଡ ହସ୍ପିଟାଲରେ ଅବ୍ୟବସ୍ଥା ଚାଲିଥିବା ଅଭିଯୋଗ ହୋଇଥିଲା। ବିଭିନ୍ନ ଗଣମାଧ୍ୟମ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରତିବାଦ ପରେ କିଛି ମାତ୍ରାରେ ବ୍ୟବସ୍ଥା ସୁଧୁରିଥିବା ଜଣାପଡ଼ିଛି। ତଥାପି ଅନେକ ଅବ୍ୟବସ୍ଥାକୁ ସରକାରଙ୍କ ନିକଟରେ ପହଂଚାଇବା ପାଇଁ ଅଣରାଜନୈତିକ ସଂଗଠନ ଭସେନା ଅଭିନବ ଉପାୟରେ ପ୍ରତିବାଦ ଜଣାଇଛି। ସରକାରଙ୍କ କୋଭିଡ ନିୟମ ଅନୁଯାୟୀ ପୂର୍ବ ନିଷ୍ପତ୍ତି ଅନୁଯାୟୀ ୨୪ ଘଂଟିଆ ଅନଶନ କରିଛନ୍ତି ଭସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା। ଲୋକଙ୍କ ସ୍ୱାର୍ଥ ପାଇଁ ଲୋକଙ୍କ ସ୍ୱରକୁ ସରକାରଙ୍କ ନିକଟରେ ପହଂଚାଇବା ପାଇଁ ଭିନ୍ନ ଧରଣର ପ୍ରୟାସ କରିଥିଲେ। ତେବେ ଶ୍ରୀ ଜେନାଙ୍କ ଅନଶନକୁ ଯୁବ ଓ ସାଧାରଣ ବର୍ଗର ଲୋକ ମାନେ ପୂର୍ଣ ସମର୍ଥନ କରିଥିବା ଦେଖାଦେଇଛି। ଯୁବ ଗୋଷ୍ଠି ଶ୍ରୀ ଜେନାଙ୍କ ଅନଶନର ଫୋଟ ଓ ଦାବୀକୁ ସୋସିଆଲ ମିଡିଆରେ ସେୟାର କରି ଭାଇରଲ କରିଛନ୍ତି। ଏହା ସହିତ ଟ୍ୱିଟ ମାଧ୍ୟମରେ ସରକାରଙ୍କ ବିଭିନ୍ନ ବିଭାଗକୁ ମୟୂରଭଂଜ ଜିଲ୍ଲାରେ ସାଧାରଣ ଲୋକର ଚିକିତ୍ସାଗତ ଅସୁବିଧାର ସୁବିଧା ପାଇଁ ଦାବୀ ଜଣାଇଛନ୍ତି। ତେବେ ବାଙ୍ଗୀଶୋଳ କୋଭିଡ ହସ୍ପିଟାଲରେ ରୋଗୀଙ୍କୁ ଗୁଣାତ୍ମକ ଚିକିତ୍ସା ପ୍ରଦାନ କରାଯିବା, ରୋଗୀଙ୍କ ଚିକିତ୍ସାକୁ ନେଇ ମିଥ୍ୟା ତଥ୍ୟ ପ୍ରଦାନ କରୁଥିବା ଜିଲ୍ଲାପାଳ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହୋଇ ରୋଗୀଙ୍କ ପ୍ରତି ସମ୍ବେଦନଶୀଳ ମନୋଭାବ ପୋଷଣ କରିବା, ବାମନଘାଟି ଓ ପାଂଚପିଢ ଉପଖଣ୍ଡରେ ତୁରନ୍ତ ଅକ୍ସିଜେନ ପ୍ଲାଂଟ ପ୍ରତିଷ୍ଠା କରାଯିବା, ୧୮ ରୁ ୪୪ବର୍ଷ ମଧ୍ୟରେ ଥିବା ଯୁବବର୍ଗଙ୍କ ପାଇଁ ଯଥାଶୀଘ୍ର ଟୀକାକରଣ ବ୍ୟବସ୍ଥା ଆରମ୍ଭ କରାଯିବା ପ୍ରଭୃତି ଦାବୀରେ ଶ୍ରୀ ଜେନା କରିଥିବା ଏହି ଅନଶନ ଆଜି ସଂଧ୍ୟାରେ ଭଂଗ କରିଥିବାର ଜଣାଯାଇଛି। ତେବେ ତାଙ୍କର ସ୍ୱାସ୍ଥ୍ୟ ଠିକ ଥିବା ସୂଚନା ମିଳିଛି। ଶେଷରେ ଗଣମାଧ୍ୟମ ଜରିଆରେ ମୟୁରଭ ଜନସାଧାରଣଙ୍କ ଏହିପରି ସାହାଯ୍ୟ ସହଯୋଗ କାମନା କରିବା ସହିତ ଧନ୍ୟବାଦ ଅର୍ପଣ କରି ଅନଶନ ଭଙ୍ଗ କରିଛନ୍ତି। ଏହି ଅନଶନ ଭଙ୍ଗ ସମୟରେ ଭସେନାର ଜିଲ୍ଲା ଉପାଧ୍ୟକ୍ଷ, ଜିଲ୍ଲା ସଭାପତି, ମହିଳା ଶାଖା ସଭାନେତ୍ରୀ, ଯୁବ ଶାଖା ସଭାପତିଙ୍କ ସହିତ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ବୋଲି ଯୁବଛାତ୍ର ସଂଯୋଜକ ରାକେଶ ବେହେରା ପ୍ରେସ ବିବୃତି ମାଧ୍ୟମରେ ଜଣାଇଛନ୍ତି।

## କିଷାନ ମୋର୍ଚ୍ଚା ଓ ଅଲ୍ ଇଣ୍ଡିଆ କିଷାନ ସଂଘର କୋଡ଼ିନେସନ କମିଟିର ଆହ୍ୱାନ କ୍ରମେ 'ସମ୍ପୂର୍ଣ୍ଣ କ୍ରାନ୍ତି ଦିବସ' ପାଳନ

ଧାମନଗର ,୬/୬ (ନି.ପ୍ର): ଧାମନଗର ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ବିଜୁପଟ୍ଟନାୟକ ଛକ ଠାରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ଅଲ୍ ଇଣ୍ଡିଆ କିଷାନ ସଂଘର୍ଷ କୋଡ଼ିନେସନ କମିଟିର ଆହ୍ୱାନ କ୍ରମେ 'ସମ୍ପୁର୍ଣ୍ଣ କ୍ରାନ୍ତି ଦିବସ' କୋଭିଡ଼-୧୯ କଟକଣା ପାଳନ ପୂର୍ବକ ପାଳନ କରାଯାଇଛି। ଆଜିର ଦିନରେ ୦୫.୦୬.୨୦୨୦ରେ ଭାରତ ସରକାର କୃଷକ ବିରୋଧି ତିନୋଟି ଆଇନ୍ ପ୍ରଣୟନ କରିଥିବାବେଳେ ଏହି ତିନୋଟି କଳା କୃଷି ଆଇନ୍‌କୁ ଯଥାଶୀଘ୍ର କେନ୍ଦ୍ର ସରକାର ପ୍ରତ୍ୟାହାର କରିବା ପାଇଁ କୃଷକ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଗଣମାଧ୍ୟମ ଜରିଆରେ ସଂଯୁକ୍ତ କିଷାନ ମୋର୍ଚ୍ଚାର କର୍ମୀ ମାନେ ଦାବି ଓ





ପ୍ରତିବାଦ କରିଥିଲେ। ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ଧାମନଗର ଠାରେ କୃଷକ ନେତା ଦୁର୍ଗାଚରଣ ଅଧିକାରୀ, ବ୍ଲକ କୃଷକ ସମ୍ପାଦକ ସତ୍ୟମୂର୍ତ୍ତି ବେହେରା, ସିପିଆଇଏମ୍ ଜିଲ୍ଲା କମିଟି ସଭ୍ୟ ଗୟାଧର ସାହୁ, ଏମ୍‌ଡ଼ି ଜୟନୁଲ ଆବେଦ୍ଦିନ୍, ରମେଶ ସାହୁ, ପ୍ରତାପ କୁମାର ଦାସ, ପରମେଶ୍ୱର ଜେନା, ସେକ୍ ଆଲ୍ଲାଉଦ୍ଦିନ୍ ଖାଁ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କୁ କୃଷକ ବିରୋଧି ଆଇନ୍‌କୁ ପ୍ରତ୍ୟାହାର ଦାବିରେ ବିଭିନ୍ନ ଶ୍ଳୋଗାନ ଦେଇ ପ୍ରତିବାଦ କରିଥିଲେ।

# ଅଜବ ଚିଜର ସଂଗ୍ରହାଳୟ

**ଆମ ଦେଶରେ ବେଶ୍ କେତୋଟି ସଂଗ୍ରହାଳୟ ଅଛି ଯେଉଁଗୁଡ଼ିକରେ ସ୍ଥାନ ପାଉଛି ଝାଡୁ, ଗୁଡ଼ି, ଖପୁରି, ତନ୍ତସାଧନା ପାଇଁ ଆବଶ୍ୟକ ସାମଗ୍ରୀ, ଜୀବାଶ୍ମ ଆହୁରି ଅନେକ ଜିନିଷ । ସେସବୁ ମଧ୍ୟରୁ କେତେଟି ବିଷୟରେ ଆମେ ଉଲ୍ଲେଖ କରିଛୁ ।**

### ଜୀବାଶ୍ମ ସଂଗ୍ରହାଳୟ:

ହିମାଚଳ ପ୍ରଦେଶର ସିମାଉର ଜିଲ୍ଲା ଅଧୀନସ୍ଥ ସାକେତିଠାରେ ଅବସ୍ଥିତ ଏହି ସଂଗ୍ରହାଳୟ । ଏହା ଭାରତୀୟ ଜୀବାଶ୍ମ ସଂଗ୍ରହାଳୟ ବା ଶିବାଲିକ୍ ଫସିଲ୍ ପାର୍କ ନାଁରେ ପରିଚିତ । ଏହି ସଂଗ୍ରହାଳୟ ଅନ୍ୟ ସଂଗ୍ରହାଳୟଗୁଡ଼ିକ ତୁଳନାରେ ଯଥେଷ୍ଟ ଭିନ୍ନ । ସବୁଜିମାମୟ ପରିବେଶ ମଧ୍ୟରେ ଗଢ଼ି ଉଠିଥିବା ଏହି ସଂଗ୍ରହାଳୟ ମଧ୍ୟରେ ଶିବାଲିକ୍ ରେଞ୍ଜର ବିଲୁପ୍ତ ପ୍ରଜାତିର ସ୍ତନ୍ୟପ୍ରାଣୀଙ୍କର ଜୀବାଶ୍ମ ମୁଖ୍ୟତଃ ପ୍ରଦର୍ଶିତ ହୋଇଥାଏ ।



### ଝାଡୁ ସଂଗ୍ରହାଳୟ:

ଯୋଧପୁରର ଅନ୍ୟତମ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଅର୍ନା ସଂଗ୍ରହାଳୟ । ଗ୍ରାମୀଣ ପରିବେଶର ଚାଲିଚଳଣିକୁ ନେଇ ତିଆରି ହୋଇଛି ଏହି ସଂଗ୍ରହାଳୟ । ଖ୍ୟାତିସଂପନ୍ନ ଐତିହାସିକ କୋମଲ କୋଠାରି ସ୍ଥାପନ କରିଥିଲେ ଏହି ସଂଗ୍ରହାଳୟ । ଏହି ସଂଗ୍ରହାଳୟର ମୁଖ୍ୟ ଆକର୍ଷଣ ଝାଡୁ । ଏଠାରେ ୧୬୦ ପ୍ରକାରର ଭିନ୍ନ ଭିନ୍ନ ଝାଡୁ ପ୍ରଦର୍ଶିତ ହୋଇଥାଏ ।



### ଗୁଡ଼ି ସଂଗ୍ରହାଳୟ:

ଭାନୁ ଶାହ ନାମକ ଜଣେ ପ୍ରତିଷ୍ଠା କରଛନ୍ତି ଏହି ସଂଗ୍ରହାଳୟ । ଅହମ୍ମଦଦାବାଦରେ ଅବସ୍ଥିତ ଏହି ସଂଗ୍ରହାଳୟ ଆକର୍ଷଣ ହେଉଛି ରଙ୍ଗବେରଙ୍ଗୀ ବିଭିନ୍ନ ଗୁଡ଼ି । ଦୀର୍ଘ ୫୦ ବର୍ଷ ଧରି ଏହି ବ୍ୟକ୍ତି ଦେଶ ବିଦେଶର ବିଭିନ୍ନ ଗୁଡ଼ିକୁ ନିଜ ଘରେ ସାଇତି ରଖିଥିଲେ । ଶେଷରେ ସେ ଏହି ଗୁଡ଼ିକୁ ନେଇ ଏକ ସଂଗ୍ରହାଳୟ କରିବାର ଚିନ୍ତା କଲେ । ତାଙ୍କ ପରିକଳ୍ପନାରୁ ଗଢ଼ି ଉଠିଥିବା ଏହି ଗୁଡ଼ି ସଂଗ୍ରହାଳୟ ଅହମ୍ମଦାବାଦର ଅନ୍ୟତମ ଆକର୍ଷଣ ହୋଇପାରିଛି ।



### ବାସନ ସଂଗ୍ରହାଳୟ:



୧୯୮୧ ମସିହାରେ ସୁରେନ୍ଦ୍ର ସି ପଟେଲଙ୍କ ଦ୍ୱାରା ତିଆରି ହୋଇଥିଲା ଏହି ସଂଗ୍ରହାଳୟ । ଅହମ୍ମଦାବାଦରେ ଅବସ୍ଥିତ ଏହା ଏଭଳି ଏକ ସଂଗ୍ରହାଳୟ ଯେଉଁଠାରେ ପ୍ରାଚୀନ ଯୁଗର ବହୁ ମୂଲ୍ୟବାନ ବାସନକୁସନ ପ୍ରଦର୍ଶିତ ହୋଇଥାଏ । ଏଠାରେ ହସ୍ତଶିଳ୍ପୀମାନଙ୍କ ବିରଳ କାରୁକାର୍ଯ୍ୟଗୁଡ଼ିକୁ ସାମିଲ୍ କରାଯାଇଛି । ୪୦୦୦ ବାସନ, ୧୦୦୦ ବର୍ଷ ପୁରୁଣା ଜଗ୍‌ରୁ ନେଇ ଆଧୁନିକ କାଚ ବାସନ, ବ୍ରୋଞ୍ଜ ବାସନ ଠାରୁ ଜର୍ମାନ ସିଲଭର ବାସନ ଆଦି ଦେଖିବାକୁ ମିଳିଥାଏ ଏହି ସଂଗ୍ରହାଳୟରେ । ଏଠାରେ ଦୁଇଟି ମୁଖ୍ୟ ଗ୍ୟାଲେରି ରହିଛି । ଗୋଟିଏରେ ଧାତୁ ନିର୍ମିତ ପାତ୍ର ଏବଂ ଅନ୍ୟଟିରେ ଚିମୁଟା, ଗୁଆକାତି ଭଳି ସାମଗ୍ରୀ ସାମିଲ୍ କରାଯାଇଛି ।

# ଶରୀରକୁ ଦିଅନ୍ତୁ ପୋଷଣ

**ଆୟୁର୍ବେଦ ଅନୁସାରେ, ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାକୁ ଚାହୁଁଥିଲେ ପ୍ରଥମେ ଉତ୍ତମ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଖାଆନ୍ତୁ । ଏହା ସହ ଭୋଜନର ନିର୍ଦ୍ଦିଷ୍ଟ ସମୟ ରଖିବା ମଧ୍ୟ ଜରୁରୀ ।**

♦ ମୁମ୍ବାଇର ଖାଦ୍ୟ ବିଶେଷଜ୍ଞ ପ୍ରତିମା ଜେସ୍ୱାଲ୍‌ଙ୍କ ମତରେ ସୂର୍ଯ୍ୟୋଦୟର ପରେ ଆମ ଶରୀରକୁ ମଧ୍ୟ ଶକ୍ତି ମିଳେ । ଏଇ ସମୟରେ ଆମେ ବିଭିନ୍ନ ପ୍ରକାର ଭୋଜନ କଲେ ମଧ୍ୟ ତାହା ହଜମ ଶୀଘ୍ର ହେଇଥାଏ । ସୂର୍ଯ୍ୟାସ୍ତ ପରେ ପରେ ଶରୀରର ପାଚନ ତନ୍ତ୍ରର ଶକ୍ତି ମଧ୍ୟ ହ୍ରାସ ପାଉଥିବାର ବିଶେଷଜ୍ଞଙ୍କ ମତ ।

♦ ସକାଳୁ ଉଠିବାର ମଧ ଘଣ୍ଟା ମଧ୍ୟରେ ଜଳଖିଆ ଖାଇନେବା ଉଚିତ । ଅଧିକ ସମସ୍ୟା ଭୋକିଲା ରହିଲେ ଅମ୍ଳ ସମସ୍ୟା ହୋଇଥାଏ । ଶଯ୍ୟା ତ୍ୟାଗର ୫.୭ ମିନିଟ୍ ପରେ ୧ ଗିଲାସ ନଖ ଉଷୁମ ପାଣି ପିଅନ୍ତୁ ।

♦ ଦ୍ୱିପହର ଭୋଜନ ଦିନ ୧୨ଟାରୁ ୨ଟା ମଧ୍ୟରେର କରିନେବା ଆବଶ୍ୟକ । ଜଳଖିଆ ଓ ଦ୍ୱିପହର ଭୋଜନ ମଧ୍ୟରେ ୪ ଘଣ୍ଟାରୁ ଅଧିକ ବ୍ୟବଧାନ ରଖିବା ଭଲ ନୁହେଁ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା, ଶରୀରକୁ ଭୋକିଲା ରଖି କଷ୍ଟ ଦିଅନ୍ତୁ ନାହିଁ । ସମୟକ୍ରମେ ଏହା ଆପଣଙ୍କ ଶରୀରକୁ ଦୁର୍ବଳ କରିଥାଏ ।

♦ ରାତ୍ରିଭୋଜନ ମଧ୍ୟ ସେଇ ଅନୁରୂପ ଶୀଘ୍ର ହେବା ଉଚିତ । ଯେତେ ଶୀଘ୍ର ଖାଇବେ, ତାହା ଆପଣଙ୍କ ପାଇଁ ସେତେ ଭଲ । ଶୋଇବାର ୩ ଘଣ୍ଟା ପୂର୍ବରୁ ହିଁ ରାତ୍ରିଭୋଜନ କରିନେଲେ ସେସବୁ ଖାଦ୍ୟ ହଜମ ହେବା ପାଇଁ ସମୟ ପାଇଥାଏ ।



# ପରିବା ସୁପ୍

**ଆବଶ୍ୟକ ସାମଗ୍ରୀ:**

ଛୋଟ ଛୋଟ କଟାଯାଇଥିବା ମଧ୍ୟମ ଆକାରର ଏକ ଗାଜର, ଏକ ଚତୁର୍ଥାଂଶ ଫୁଲକୋବି ଏବଂ ଶିମଳା ଲଙ୍କା (ମଞ୍ଜି କଢାଯାଇଥିବା), ଗ୍ରୀନ୍ ମଟର ଦାନା- ଅଧା ତାଟିଆ, ୧ ଇଞ୍ଚ ଅଦା କୋରା ହୋଇଥିବ କିମ୍ବା ପେଷ୍ଟ କରାଯାଇଥିବ, ବଡ଼ ଚାମଚରେ ୧ ଚାମଚ କର୍ନଫ୍ଲୋର, ୨ ଚାମଚ ବଟର ଏବଂ ୧ ଚାମଚ ଚିଲି ସସ୍, ଛୋଟ ଚାମଚରେ ଅଧା ଚାମଚ ଲେଖାଏଁ ଗୋଲମରିଚ ଗୁଣ୍ଡ ଏବଂ ଧଳା ମରିଚ ଗୁଣ୍ଡ, ସ୍ୱାଦାନୁସାରେ ଲୁଣ, ଫାଳେ ଲେମ୍ବୁ, କିଛି କଟା ଧନିଆ ପତ୍ର ।




**ପ୍ରସ୍ତୁତି :**

ପୂର୍ବରୁ ପରିବଗୁଡ଼ିକୁ ଧୋଇ କାଟି ଦିଆଯାଇଥିବ । ଏବେ ବଡ଼ ଚାମଚରେ ୨ ଚାମଚ ପାଣି ନେଇ ସେଥିରେ କର୍ନଫ୍ଲୋର ଭଲ କରି ଗୋଳାଇ ଦିଅନ୍ତୁ । ଏକ କଡ଼େଇ କିମ୍ବା ଡେକ୍‌ଚି ଚୁଲିରେ ବସାଇ ବଟର ପକାଇ ଗରମ କରିବା ପରେ ଅଦା ପେଷ୍ଟ ଏବଂ ସମସ୍ତ ପରିବା ପକାଇ ୨ ମିନିଟ୍ ଧିମା ଆଞ୍ଚରେ ଭାଜନ୍ତୁ । ଏହାପରେ ଘୋଡ଼ାଇ ୨ ମିନିଟ୍ ସିଝିବାକୁ ଛାଡ଼ିଦେବେ । ପରେ ୬୦୦ ମିଲି ପାଣି, ଗୋଳା ଯାଇଥିବା କର୍ନଫ୍ଲୋର, ଗୋଲମରିଚ ଗୁଣ୍ଡ, ଧଳା ମରିଚ ଗୁଣ୍ଡ, ଚିଲି ସସ୍ ଏବଂ ଲୁଣ ପକାଇ ସୁପ୍ ଫୁଟିବା ପର୍ଯ୍ୟନ୍ତ ଗୋଳାନ୍ତୁ । ଫୁଟିଆସିବା ପରେ ୩-୪ ମିନିଟ୍ ହାଲ୍‌କା ଆଞ୍ଚରେ ବସାଇ ରଖିବେ । ଏବେ ଗ୍ୟାସ୍ ବନ୍ଦ କରି ସୁପ୍‌ରେ ସ୍ୱାଦ ଅନୁସାରେ ଲେମ୍ବୁ ରସ, କଟା ଧନିଆ ପତ୍ର ଏବଂ ଅଳ୍ପ ବଟର ପକାଇ ଗୋଳାଇ ଦିଅନ୍ତୁ । ଗରମ ଗରମ ପରଷି ଦେବାକୁ ପରିବା ସୁପ୍ ପ୍ରସ୍ତୁତ ହୋଇଗଲା ।

# ବାଟ ଦେଖାଉଛି ବାଉଁଶ

ବାଉଁଶ.. ଆଦିବାସୀ ମଣିଷ ପାଇଁ ଏକ ଅନନ୍ୟ ପ୍ରାକୃତିକ ସାହାରା । ଏନ୍ତୁଡ଼ିଶାଳରେ ନବଜାତକର ନାହିଁ କଟିବା ପାଇଁ ବାଉଁଶ ପାତଠାରୁ ଆରମ୍ଭ କରି କୋକେଇ ଯାଏ, ଖୋଜାପଡ଼େ ଏଇ ବାଉଁଶ । ହେଲେ ଆଧୁନିକତାର ଚାକଚକ୍ୟ ଭିତରେ ଏହା ଯେମିତି ଏବେ ନିଜର ପରିଚୟ ହରାଇବସିଛି । ମୟୂରଭଞ୍ଜ ଜିଲ୍ଲାରୁ ପ୍ରତ୍ୟେକ ଦିନ ଶହଶହ ଟ୍ରିପ ଲମ୍ବା ଓ କଟା ବାଉଁଶ ରାଜ୍ୟର ବିଭିନ୍ନ ଜିଲ୍ଲା ସହ ରାଜ୍ୟ ବାହାରକୁ ଚାଲାଣ ହେଉଛି । ଏପରି ସମୟରେ ବାଉଁଶ ଯେ ଜିଲ୍ଲାବାସୀଙ୍କ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ କ୍ଷମତା ରଖେ, ସେ ନେଇ ରାଜ୍ୟ କିମ୍ବା କେନ୍ଦ୍ର ସରକାର, କେହି ବି ଚିନ୍ତା କରି ନାହାଁନ୍ତି ।

ତେବେ ଏହି ବାଉଁଶ ଯେ ଅନେକଙ୍କୁ ବଳ ଯୋଗାଉଛି, ପେଟକୁ ଦାନା ଯୋଉଛି; ତାର ଏକ ବଳିଷ୍ଠ ଦାହରଣ ଆମ ପାଖରେ ଅଛି । ଜିଲ୍ଲାର ବେତନଟୀ ବ୍ଲକ୍ ଅଧୀନ ଦହିକୋଟୀ ପଞ୍ଚାୟତ ଭାଲିଆ ଗ୍ରାମ । ଏହି ଗ୍ରାମ ଏବେ ମୁଣ୍ଡ ଟେକିଛି । ଏଠାରେ ୨୦୦୮ ମସିହାରେ ଆନନ୍ଦ ମହାନ୍ତଙ୍କ ତତ୍ତ୍ୱାବଧାନରେ ମା ମନସା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୁଏ । ପ୍ରାଥମିକ ପର୍ଯ୍ୟାୟରେ ଗୋଷ୍ଠୀରେ ୨୧ଜଣ ମହିଳା ପୁରୁଷ କାମ କରୁଥିଲେ । ଏବେ ଏଠାରେ ୧୦ଜଣ ମହିଳା, ୧୦ଜଣ କାରିଗର ଓ ଦିନ ମଜୁରିଆଙ୍କୁ ମିଶାଇ ମୋଟ ୪୫ଜଣ କାମ କରୁଛନ୍ତି । ଏମାନେ ବାଉଁଶରୁ ସୋଫା ସେଟ, ଆରାମ ଚେୟାର, ଷ୍ଟୁଲ ସହ ପେନଷ୍ଟାଣ୍ଡ, ବସ୍‌ଷ୍ଟାଣ୍ଡ, ଫୁଲଟୋଡ଼ା, ଫୁଲଚାଙ୍ଗୁଡ଼ି, ଚାବିରିଙ୍ଗ, ଧୂପଷ୍ଟାଣ୍ଡ, ଫୁଲକଚଣ୍ଡ ଇତ୍ୟାଦି ଇତ୍ୟାଦି କରି ବିକ୍ରି କରିଛନ୍ତି । ବାଉଁଶ ତିଆରି ଗୋଟିଏ ସୋଫା ସେଟର ଦାମ ୧୦ରୁ ୧୨ହଜାର ଟଙ୍କା ରହିଛି । ସେହିପରି ଆରାମ ଚେୟାରର ଦାମ ୧୮୦୦ରୁ ୨୦୦୦ଟଙ୍କା ରହିଛି । ତେବେ ଖର୍ଚ୍ଚକୁ ଛାଡ଼ି ଏବେ ଗୋଷ୍ଠୀକୁ ୧୦ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ଲାଭାଂଶ ମିଳୁଛି । ସବୁଠାରୁ ବଡ଼କଥା ଯେ ବିଭିନ୍ନ ଆକର୍ଷଣୀୟ ଘରକରଣା ଜିନିଷ ନିର୍ମାଣ କରୁଥିବା କାରିଗରମାନଙ୍କ ମଧ୍ୟରେ ଅଧିକାଂଶ ହେଲେ ଜିଲ୍ଲାର ଅପରାଧ ପ୍ରବଣ ଜନଜାତି କୁହାଯାଉଥିବା ଲୋଧା ସଂପ୍ରଦାୟର ।



ଏଠାରେ ଗୋଷ୍ଠୀର ଆର୍ଥିକ ସଫଳତା ଦିଗକୁ ଛାଡ଼ିଦେଲେ ଲୋଧାଙ୍କୁ କର୍ମସଂସ୍ଥାନ ଯୋଗାଇବା ଭଳି ଯେଉଁ ନିଷ୍ପତ୍ତି ନିଆଯାଇଛି, ତାହା ଅତ୍ୟନ୍ତ ପ୍ରଶଂସାଯୋଗ୍ୟ । ଯାହା ଲୋଧାମାନଙ୍କୁ ବଂଚିବାର ଏକ ନୂଆ ରାହା ଦେଖାଇଛି । ଏହା ଭିତରେ ମା ମନସା ସ୍ୱୟଂ ସହାୟକ ଗୋଷ୍ଠୀ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଉତ୍ପାଦ ପ୍ରସ୍ତୁତ କରିବାରେ ସକ୍ଷମ ହୋଇପାରିଛି । ହେଲେ ଦୁଃଖ ଓ ପରିତାପର ବିଷୟ ଏହି ଯେ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଜିଲ୍ଲା ଶିଳ୍ପ କେନ୍ଦ୍ର ଅଧୀନରେ ରହିଥିଲେ ବି ଏଯାଏ କୌଣସି ସରକାରୀ ସହାୟତା କି ଅନୁଦାନ, କିଛି ବି ମିଳିନାହିଁ ।






# ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ କାଜୁ !

ଡ୍ରାଏ ଫ୍ରୁଟସ୍ ତଥା କାଜୁ ଖାଇବା ସମସ୍ତଙ୍କୁ ପସନ୍ଦ । ଏହାର ସ୍ୱାଦ ସମସ୍ତଙ୍କୁ ଭଲ ଲାଗେ । କାଜୁ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି ମଧ୍ୟ କୁହାଯାଏ । କିନ୍ତୁ ଆବଶ୍ୟକତା ଠାରୁ ଅଧିକ କାଜୁ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ପ୍ରମାଣିତ ହୋଇପାରେ । ଯଦି ଆପଣଙ୍କର କାଜୁ ଖାଇବା ସଉକ ଥାଏ ତେବେ ସାବଧାନ ହୋଇଯା'ନ୍ତୁ । ଅଧିକ କାଜୁ ଖାଇବା ଦ୍ୱାରା ଓଜନ ବଢ଼ିବା ସହ କିଡନୀ ଏବଂ ହୃଦୟ ଉପରେ ଖରାପ ପ୍ରଭାବ ପକାଇଥାଏ । ତେବେ କାଜୁ ଖାଇବା ଦ୍ୱାରା ଆଉ କ'ଣ କ'ଣ ସବୁ କ୍ଷତି ହୁଏ ଆସନ୍ତୁ ଜାଣିବା । ଯଦି ଆପଣଙ୍କର ସାଧାରଣତ ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ୍ ସମସ୍ୟା ଥାଏ ତେବେ କାଜୁ ବାଦାମଠାରୁ ଦୂରେଇ ରୁହନ୍ତୁ । କାଜୁରେ ଆମିନୋ ଏସିଡ୍ ଟାଇରାମାଇନ୍ ଏବଂ ଫେନିଲେଥାଇଲାମାଇନ୍ ଥାଏ, ଯାହା ଆପଣଙ୍କ ମୁଣ୍ଡବିନ୍ଧାକୁ ଅନେକ ଥର ବଢ଼ାଇପାରେ ।

# ବିରାଡ଼ି ଦେଶ


ପଶ୍ଚିମ ସାଇବେରିଆ ଅନ୍ତର୍ଗତ ଏକ ଛୋଟିଆ ଗାଁର ନାମ-ପ୍ରିଗୋର୍ଦନି । ସେଠାରେ ଅଛି ଆଲା ଲେବଦେଭା ଫାର୍ମ । ଫାର୍ମ ମାଲିକାଣୀଙ୍କ ନାମ ଆଲା । ଆଲାଙ୍କ ଫାର୍ମରେ ଏତେ ସଂଖ୍ୟକ ବିଲେଇ ଅଛନ୍ତି ଯେ, ସ୍ଥାନୀୟ ଲୋକେ କହନ୍ତି 'କୋସଲାଣ୍ଡିଆ' ଏହାର ଅର୍ଥ ବିରାଡ଼ି ଦେଶ । ଫାର୍ମରେ ଏକଦା ବିରାଡ଼ି ନଥିଲେ । ୨୦୦୩ ରେ ଆଲା ଓ ତାଙ୍କ ସ୍ୱାମୀ ସର୍ଗେଇ ପ୍ରଥମଥର ପାଇଁ ବିରାଡ଼ିଟିଏ ଆଣି ପାରିଲେ । ଶ୍ରଦ୍ଧାରେ ନାଁ ଦେଲେ ବାବୁସ୍କା । ଏକବର୍ଷ ପରେ ବାବୁସ୍କା ପାଞ୍ଚଟି ଛୁଆ ଦେଲା । କ୍ରମଶଃ ବିରାଡ଼ି ସଂଖ୍ୟା ବଢ଼ି ଚାଲିଲା । ଏବେ ଯେଉଁ ଆଡ଼େ ଦେଖିବ, ଅଖିରେ ପଡ଼ିବେ ବିରାଡ଼ି । ଏତେ ସଂଖ୍ୟକ ବିରାଡ଼ିଙ୍କୁ ନେଇ ଆଲାଙ୍କର କୌଣସି ସମସ୍ୟା ନାହିଁ । କାରଣ, ବିରାଡ଼ିଗୁଡ଼ିକ ଖାଦ୍ୟ ପାଇଁ ତାଙ୍କ ଉପରେ ନିର୍ଭର କରୁନାହାନ୍ତି ।




ଆଜିର ଗଳ୍ପ

# ନାରୀ ନୁହେଁ ନାରାୟଣୀ

ଇଂ.ବିଦ୍ୟାଧର ପଣ୍ଡା





ଉଦୁଉଦିଆ ଦ୍ୱିପ୍ରହର ଖରାବେଳର ଝାଂଜି ପବନ ଦେହରେ ଗଳିଯାଉଛି। ଆରସପ୍ତାହରୁ କରୋନା ପାଇଁ ତାଲାବନ୍ଦି ଯୋଗୁଁ କୃଷ୍ଣବାବୁଙ୍କ ଅଫିସ ଛୁଟି। ଏବେ ସିଏ ଦିନବାରଟାପରେ ଶେଯରୁ ଉଠି ନିତ୍ୟକର୍ମ ସାରି ଜଳଖିଆ କରୁଛନ୍ତି। ଚ୍ଚରିଟାବେଳକୁ ମଧ୍ୟାହ୍ନ ଭୋଜନ ଏବଂ ରାତିବାରଟାରେ ରାତ୍ରୀଭୋଜନର ସମୟ ନିର୍ଘଂଟ ରହୁଛି। ତେଣୁ ସ୍ତ୍ରୀ ବନ୍ଦନାଙ୍କୁ ତରବର ହୋଇ କିଛି କରିବାର ନାହିଁ। ଧିରେ ସୁସ୍ଥେ ଜଳଖିଆ ସହ ଭୋଜନ ଆଦି ପ୍ରସ୍ତୁତ କରିବା ସଙ୍ଗେସଙ୍ଗେ ଗୋଟିଏ ବି ଟିଭି ସିରିଏଲ୍ ମିସ୍ ହେବାକୁ ଦେଉନାହାଁନ୍ତି। ମନେମନେ ଭାବୁଛନ୍ତି ଏମିତି କରୋନା ଭୂତାଣୁ ପାଇଁ ସବୁଦିନେ ତାଲାବନ୍ଦି ରହିଲେ ଜୀବନଟା ଭାରି ଭଲରେ କଟନ୍ତା। ଝଂଝଟ ଝାମେଲା କିଛି ବୋଲେ କିଛି ନାହିଁ। ଏମିତି ଏକ କଳ୍ପନା ରାଇଜରେ ବିହରଣ କରି ଟିଭି ସିରିଏଲ୍ର ମଜା ଲୁଟୁଥିବା ବେଳେ କିଏ ଜଣେ ବାହାର ଫାଟକ କଲିଂବେଲ୍ ମାରିବାରୁ ବନ୍ଦନା ଚମକି ପଡିଲେ। ପାଖ ଝୁମ୍ପୁଡିଗଚ୍ଛଳର ବାଲୁଙ୍ଗା ଦିପହରିଆ ଛୁଆ କେଇଟା ବେଳେବେଳେ ଏମିତି ମିଛଟାରେ କଲିଂବେଲ୍ ସୁଇଚ୍କୁ ଚିପିଦେଇ ଦୌଡନ୍ତି। ସେଇମାନେ ହୋଇଥିବେ ବୋଧେ, ନହେଲେ ଏ ମୁଣ୍ଡଫଟା ଖରା ବେଳରେ କିଏ ଆସିବ! ବିରକ୍ତରେ ଗାରୁଗାରୁ ହୋଇ ବନ୍ଦନା ସୋଫାରୁ ଉଠି ଫାଟକ ଗଳାବାଟରେ ଦେଖିଲେ ବିଶିଆ ଆସିଛି।

ବିଶିଆ, ଗାଁରେ ରହୁଥିବା ତା'ଙ୍କ ସାନ ଦିଅର। ଶାଶୂମାଆକୁ ପାଖରେ ରଖିଛନ୍ତି ବୋଲି ବେଳେବେଳେ ପଇସାପତ୍ର ମାଗିବାକୁ ଭାଇପାଖକୁ ସହର ପଳେଇ ଆସନ୍ତି। ଏଗୁଡା କିନ୍ତୁ ବନ୍ଦନାଙ୍କୁ ଭଲ ଲାଗେନି। ନିଜ ମାଆକୁ ରଖିଛ, ସକାଳୁ ସଂଜଯାଏ କେତେ ଘରକାମ କରଉଛ। ସେଇ କାମକୁ ଆମେ ସହରରେ ଦେଢହଜାରେ ଫିମାସ ଗଣୁଛୁ। ପେଟକୁ ଦିମୁଠା ଖାଇବାକୁ ଦେବ ବୋଲି ଭାଇକୁ ମାଗିବ! ସିଏ କ'ଣ ତୁମକୁ ଜନ୍ମ କରିନି। ନିଜ ମାଆପାଇଁ ଲୋକେ କେତେ କ'ଣ କରି ପକଉଛନ୍ତି, ଆମ ବିଶିଆକୁ ଦେଖ! ପ୍ରତିମାସରେ ଆସି ପାଆଁଶ ହଜାରେ ମାଗି ନେଇ ଚ୍ଚଲିଯାଉଛି। ବୁଢୀର ପାନଖର୍ଚ୍ଚ ଅତିବେଶୀରେ ତିରିଶ କି ଚ୍ଚଳିଶ ଭିତରେ। ତୁମର ତ ନିଅଁଟିଆ କଥା, ପଇସାପତ୍ର ରୋଜଗାର ଭଲ ନାହିଁ। ପୁଅଟାକୁ କାହିଁକି କଲେଜରେ ପଢେଇବ! ବାପା ସାଙ୍ଗରେ ଗଲେ ଦିପଇସା ବାହାରୁ ଆଣନ୍ତା। ଆଜିକାଲି କିଏ ପାଠପଢିକି କଣ ଆଲୁଅ କରିପଡଉଛନ୍ତି ଯେ! ଆମକଥା ଶୁଣୁଛି କିଏ? ଭଲ କହିଲେ ଭେଲ। ଆଜି ମାଗୁ ସିଏ ପଇସା, ତାପରେ ତାକୁ ଏସବୁ କହିବାକୁ ହେବ। ଗୋଟାଏ ତାମସା ଲଗେଇଛନ୍ତି, ଯେତେବେଳେ ଇଚ୍ଛା ଚ୍ଚଲିଆସିଲେ ମାଗିବାକୁ। ମାଗିବାର ଷ୍ଟାଇଲ୍ ପୁଣି ଅନୋଖା। -'ଭାଇ! କେଶିଆଇ! ଦରମା ମିଳିଲାଣି?' ଏସବୁ କଥା ବନ୍ଦନା ମୁଣ୍ଡରେ ବୁଢିଆଣୀସୂତା ପରି ଛନ୍ଦି ହୋଇଯିବାରୁ ଧିରେଧିରେ ଫାଟକ ପାଖରୁ ଶୋଇବା ଘରକୁ ଫେରିଆସି କୃଷ୍ଣବାବୁଙ୍କୁ ନିଦରୁ ଉଠେଇବାପାଇଁ ହାତମାରି ହଲେଇଲେ। କୁକୁର ଛୁଆପରି କୁଁକୁଁ ଶବ୍ଦକରି ଆଖି ମଳିମଳି କୃଷ୍ଣବାବୁ କଡ ଲେଉଟାଇଲା ବେଳକୁ ବନ୍ଦନା ନିଜ ଓଠ ନେଇ ତା'ଙ୍କ କାନ ପାଖରେ ଫୁସୁଫୁସୁ କରି କହିଲେ,

-'ସକାଳୁ ଦିନଯାକ ଅଛି। ମହାଜନ ପଇସା ମାଗିବାକୁ ଆସିଛି। ଉଠ, ଯାଇ ଫାଟକ ପାଖରେ ଦେଖ।'

-'ଆମର ପୁଣି ମହାଜନ କିଏ? ଆମେ ତ କାହାଠାରୁ କରଜ ଆଣିନେ! ପଇସା ଆମକୁ କାହିଁକି କିଏ ମାଗିବ।'

-'କିଛି ବୁଝୁନ। ତୁମର ଗୁଣବନ୍ତ ଭାଇ ବିଶିଆ ଗାଁରୁ ଆସିଛି। ପଇସା ମାଗିବା ଛଡା ତା'ର ଆଉ ଆମପାଖରେ କ'ଣ କାମ? ବୋଉଙ୍କୁ ଯଦି କରୋନା ଫରୋନା ହୋଇଥିବ, ଔଷଧପତ୍ର ପାଇଁ ମାଗିବାକୁ ଚ୍ଚଲି ଆସିଥିବ। ନହେଲେ ପୁଅର କଲେଜ ଦାଖଲା କି ବହିକିଣା ଖର୍ଚ୍ଚ ଦରକାର ଥିବ। ଏବେ ତ ତାଲାବନ୍ଦିରେ ଫ୍ୟାକ୍ଟ୍ରୀ ବନ୍ଦ। ଦରମା ପାଇନଥିଲେ ଚଳିବା ପାଇଁ ବି ମାଗିପାରେ। ହେଲେ ତୁମକୁ ଆଗରୁ ଏଥର ଖବରଦାର୍ କରିଦେଉଛି। ତନିଷ୍କରେ ସେ ସୁନାହାରଟିକୁ କିଣିବା ପାଇଁ ମୁଁ କେତେଦିନରୁ କହୁଛି, ହେଲେ ତୁମକାନରେ କନାବିଣ୍ଡା ମଡାହୋଇଛି। ଆଜି ଯଦି ଭାଇ ସୁଆଗିଆ ହୋଇ ତାକୁ କିଛି ଦେଲ ମୋତେ ଚିହ୍ନିବ!'

-'ତୁମ ବିଲୁଆ ବିଚ୍ଚର ପଛେ କରିବ। ଫାଟକ ଖୋଲ ଆଗ, ତା'କୁ ପଚ୍ଚର କ'ଣ ପାଇଁ ଆସିଛି?'

-'ବୋଉ କଥା କହିଲେ ମୁଁ ତା'କୁ ସେଇଠୁ ବିଦା କରିଦେବି। ଇଏ ବି ଗାଁରୁ କରୋନା ନେଇକି ଆସିଥାଇପାରେ। ବସ୍ରେ କାହାସାଙ୍ଗରେ କେମିତି ଆସିଲା କେଜାଣି? ମୁଁ ଆଗ ଯାଇ ଆଲମୀରା ଚ୍ଚବିପେନ୍ଥା ଲୁଚ୍ଚଏ! ସେ ଆଲମୀରାରେ ଠାକୁରଙ୍କ ଫଟୋ ଅଛି, ମୁଁ ଆଜି ଛୁଇଁବିନି। ମୋତେ ଯଦି ମାଗିବ ଦେଖିବ? ନହେଲେ କହୁଛି, ତୁମକୁ କରୋନା ହୋଇଛି ବୋଲି, ଆଉ ତୁମେ ସଂଗରୋଧରେ ଅଛ, କାହାକୁ ଦେଖା କରୁନ। ସିଏ ଯିବଭାରି।'

-'ନଇ ନେଦେଖିକି କାହିଁକି ଲଙ୍ଗଳା ହେଉଛ? ସିଏ ଏତେ ବାଟରୁ ଆସିଛି, ଫାଟକ ଖୋଲ, ପାଣି ଗିଲାସେ ଦେଇକି ପଚ୍ଚର କାହିଁକି ଆସିଛି?'

-'କ'ଣ କହିଲ, ମୁଁ ଲଙ୍ଗୁଳି! ଭାଇ ସୁଆଗିଆ ଗୁଣ ଦେଖା, ତୁମେ ଯାଇ ଫାଟକ ଖୋଲି ପଚ୍ଚର ତୁମ ଭାଇ ଲକ୍ଷ୍ମଣ ଏଠିକି କାହିଁକି ଆସିଛି।'

-'କାହିଁକି ସକାଳୁ ସକାଳୁ ଏମିତି ଉଗ୍ରରୂପ ତୁମର? ଯାଉନ ଖୋଲିବ, ପିଲାଟା ସେତେବେଳୁ ଛିଡା ହେଲାଣି।'

-'ପିଲା! ହଁ, କ୍ଷୀର ପିଉଥିବ? ନକହି ନକହି ବେଶୀ ବଡବଡ କଥା ଆଜିକାଲି ଶିଖିଲଣି। ମୁଁ ଉଗ୍ରତାରା? ଯାଉଛି, ଖୋଲିବି। କିନ୍ତୁ ଯଦି ସିଏ ପଇସା ମାଗେ, ଆଉ ତୁମେ ଟଙ୍କାଟିଏ ତା ହାତକୁ ଦିଅ ଆଜି ତୁମର ଦିନେକୁ ମୋର ଦିନେ। ପ୍ରକୃତ ଉଗ୍ରରୂପ ଦେଖିବ। ରାମର ଭାଇ ଲଇକ୍ଷଣ ତ! ବାହାରେ ଛିଡାହେଲେ ବାଧି ଯାଉଛି। ହୁଁ.. ହୁଁ..।'

-'ଆରେ ଆରେ ବିଶିଆ! ତୁମେ କେତେବେଳେ ଆସିଲ? ଆସ ଭିତରକୁ ଆସ। ଏଗୁଡା ଏତେ କ'ଣ ଆଣିବା ଦରକାର ଥିଲା କହିଲ? ଏତେ ବାଟରୁ ତିନିତିନିଟା ଅଖାରେ ଏତେସବୁ କ'ଣ ହେବ? ଯେତେ ମନାକଲେ କାହିଁକି ଶୁଣୁନ? ଏଠି ସହରରେ ତ ସବୁ ବୁଲାବିକାଳି ଦୁଆରେ ଆଣି ଦେଇ ଯାଉଛନ୍ତି। ତୁମକୁ କେତେଥର କହିଲିଣି ଯେତେବେଳେ ଆସିବ, ଖାଲି ହାତରେ ଆସିବ। ଅଯଥା ଏତେ ପରିଶ୍ରମ କରି କାହିଁକି ବୋହିବୋହି ଆଣୁଛ?'

-'ବୋଉ ଜବରଦସ୍ତି ବାନ୍ଧିକି ଦେଲା। ମନାକଲେ କହୁଛି ଭାଇ ସଜନା ଶାଗ ଓ ଛୁଇଁ ଭଲପାଏ। କାଲି କାଳବୈଶାଖୀରେ ବାଡି ଆମ୍ବଗଛରୁ କଂଚାଆମ୍ବ ବୋଝେ ପଡିଥିଲା ଯେ ତୁମେ ଖଟ୍ଟା ଭଲପାଅ ବୋଲି କହି ସବୁଯାକ ସେ ଅଖାରେ ପୁରେଇ ପଠେଇଛି। ଆଉ ଆମ ଜମିରୁ ବିରି, ମୁଗ ଦି'ଦି ସେର ଆଣିଛି। ଯେତେହେଲେ ନିଜବାଡିର ତାଜା ପନିପରିବା ସୁଆଦ କ'ଣ ବୁଲାବିକାଳିଙ୍କ ପରିବାରେ ମିଳିବ?'

-'ଆସ ବିଶିଆ, ସେଗୁଡା ସବୁ ସିଧାଭିତରକୁ ଆଣି ଅଲଗା ସେଇ କୋଣ ପାଖରେ ରଖ। ତିନିଦିନ ପରେ ଆମେ ହାତମାରିବୁ, ଆଜିକାଲି କାହାକୁ କୋଉ ବିଶ୍ୱାସ। ବାସ୍ତରିଘଂଟା ପରେ କରୋନା ମରୁଛି। ଭାଇଙ୍କର କାଲିଠାରୁ ଥଣ୍ଡା, ରକ୍ତନମୂନା ପରୀକ୍ଷା କରିବାକୁ ଦେଇଛୁ ଯେ ଏଯାଏଁ ଆସିନି। ବୋଉଙ୍କର ବୟସ ଅଶି ଉପରେ। ବୁଢୀଲୋକମାନଙ୍କୁ ଧାଏଁ କରି ଧରୁଛି, ତୁମେ ଭାଇସାଙ୍ଗରେ ଦେଖା ନକରି ସଅଳ ଗାଁକୁ ଫେରିଗଲେ ଭଲ ହୁଅନ୍ତା।'

-'ଭାଇକୁ ଥଣ୍ଡା ବୋଲି କହିଲଣି ଯେତେବେଳେ ମୁଁ ନଦେଖି ଫେରିଗଲେ ଗାଁରେ ବୋଉ ଓ ବୀଣା ମୋତେ ମଣିଷ ବୋଲି କହିବେ? କେଶିକୁ ଡାକ ସିଏ ସେଠି ଦୂରରେ ଛିଡା ହେଉ। ମୁଁ ତା'ସାଙ୍ଗରେ ଦେଖା ହେଲେ ଯାଇଁ ଘରକୁ ଫେରିବି।'

-'ବିଶି! ମୋର କାଲି ଟିକେ ଦେହ ମଜରିଆ ଲାଗୁଥିଲା। ଏବେ ଭଲ ଲାଗୁଛି। ତୁ ସେଠି ବସିଥା, ମୁଁ ଆସୁଛି। ହଁ! ଗାଁ ଖବର, ସେ ଚନ୍ଦନଯାତ୍ରା ନାଚ ହେବାନହେବା କଥା ଟିକେ କହ। ମଫସଲ ଗାଁରେ ତୁମର ସବୁ କ'ଣ କେମିତି ଚ୍ଚଲିଛି? ବୋଉ ଇଆ ତା ଘରକୁ ବୁଲି ଯାଉନି ତ! ଆଜିକାଲି କରୋନା ପ୍ରବଳ ମାତିଛି, ତୁ କ'ଣ ପାଇଁ ଏ ଖରାରେ ଆସିଲୁ ଆଗ କହିଲୁ, ତା'ପରେ ଅଲଗା କଥାହେବା। ହେଇ ଦେଖ! ଭାଉଜ ତୋ'ପାଇଁ ସରବତ ଆଣିଲାଣି ବୋଧେ, ଆଗ ପିଇ ଦେ, ତା'ପରେ ଗାଁ ଖବର କହିବୁ।'

-'ବିଶିଆ! ନିଅ ସରବତ। ଆଜିକାଲି ସହରରେ ସବୁ ମହରଗ। ଲେମ୍ବୁ ଗୋଟାକ ଛଅଟଙ୍କା। କରୋନା ରୋଗପାଇଁ -'ଗରମ ପାଣିରେ ଲେମ୍ବୁ ପକେଇ ପିଅ'- ବୋଲି ରାମବାବା କହିଲା ଦିନରୁ ଗୋଟାକ ଦଶଟଙ୍କା ନେଉଛନ୍ତି। ଦୁଇମାସ ହେଲା ଭାଇଙ୍କର ଦରମା ନାହିଁ ଯେ ଝିଅର ଟ୍ୟୁସନ ମାଷ୍ଟ୍ରକୁ ଦରମା ପଇସା ଦେଇନୁ। ନାଚ ଶିଖେଇବା ଝିଅର ଦିମାସେ ହେଲାଣି ଯେ ସିଏ କାଲିଠାରୁ ଆଉ ଆସୁନି। ପଚ୍ଚରିଲେ କହୁଛି ଅଟୋଭଡା ଦେବାକୁ ତାପାଖରେ ଟଙ୍କା ନାହିଁ। ଆମକୁ ତା ଦରମା ପଇସା ମାଗିବାର ଗୋଟାଏ ବାହାନା। ତନିଷ୍କରେ ଗୋଟାଏ ପଚିଶହଜାର ଟଙ୍କିଆ ହାର ଦେଖିଥିଲି ଯେ ଅଛି କି କିଏ ନେଇ ଚ୍ଚଲିଗଲାଣି କହିହେଉନି। ତୁମର କ'ଣ ଅଛି! ଅଣ୍ଡିରି ପୁଅ ଖଣ୍ଡେ। ଆମର ଯେତେବେଳେ ଝିଅ ଛୁଆଟିଏ ଅଛି, ଏତିକି ବେଳୁ ସୁନା ଟିକେଟିକେ ଯୋଗାଡ କରି ନରଖିଲେ ବାହାଘର ବେଳକୁ କିଏ ଦେବ? ଆଉ କେତେଦିନ କରୋନା ରହିବ ଜେଜାଣି? ମଣିଷଙ୍କୁ ବଡ ଅସୁବିଧା। ଗାଁ ଗହଳି କଥା ଅଲଗା, ଏ ସହରରେ ସମସ୍ତେ ବେଶୀ ହଇରାଣ।'

-'ଆରେ! ତୁମେ ଖାଲି ଆମ କଥା ବିଶିଆକୁ ଶୁଣେଇବ! ନା ତା'ଠାରୁ କିଛି ଶୁଣିବ? ସିଏ ଏତେ ବାଟରୁ ଆସିଛି କ'ଣପାଇଁ ଆଗ କହୁ।'

-'କୁହ କୁହ। ହଁ ତୁମେ କୁହ। ତୁମ ଭାଇର ସେ ଗାଁ ଗୋରୀ ଭାଉଜ କେମିତି ଅଛି? ତାଙ୍କ ସାଙ୍ଗରେ ଯେଉଁ ଘଇତାଛାଡି ରଙ୍ଗ ପଡୁଥିଲା ସିଏ ବଂଚିଛି ତ! କରୋନା ଫରୋନାରେ ଯାଇନି? ତାକୁ ଦେଖିଲେ ମୋ ରଇଜଳେ। ଗାଁ କ୍ଲବ୍ଘରେ ନାଚଗୀତ ଭାଙ୍ଗପଣା ଚ୍ଚଲିଛି ନା ନାହିଁ? ଏଇତ କଥା!'

-'ହଁ ଭାଇ, କାଳବୈଶାଖୀରେ ଆମବାଡିର ସବୁଗଛ ଉପୁଡିଗଲା। ସେଇ ଶାଗୁଆନ୍ ଗଛଟା, ଯୋଉଟା ତୋରମୋର ଛୁଆଦିନେ ରାମିଆ ଶଅର ପାଖରୁ ଚେର ଆଣି ଲଗେଇଥିଲେ ସେଇଟା ବି ଶୋଇପଡିଲା। ଆଉ ଦିବର୍ଷରେ ଲକ୍ଷଟଙ୍କା ହୋଇଥାନ୍ତା। ମଙ୍ଗୁଆ ବେପାରି ଆସି ଇଲେକ୍ଟ୍ରି କରତରେ ଗଡଗଡ କରି ବୋଉହାତକୁ ନଗଦ ଷାଠିଏ ହଜାର ଟଙ୍କା ଗଣିଦେଇ ଟ୍ରାକ୍ଟରରେ ଲଦି ଆଜି ଅନ୍ଧାରରୁ ବୋହିନେଲା। ବୋଉ ଘରକୁ ଆସି ମୋତେ କହିଲା, 'ତୁ ଖାଇପି ଭାଇକୁ ତା ଭାଗଟଙ୍କା ଦେଇଆସ୍। ମୋ'ଅନ୍ତେ ତୁମେ ଯାହା କରିବ, ମୁଁ ବସିଥିବା ଯାଏ ତା'ଭାଗ ସିଏ ପାଉଥାଉ।' ମୋତେ ତିରିଶହଜାର ଜରିରେ ଗୁଡେଇ ତୋ'ପାଇଁ ପଠେଇଛି। ଆସିଲା ବେଳେ କହିଲା ଭାଉଜ ଆମ୍ବଖଟାକୁ ଭାରିଭଲ ପାଆନ୍ତି ତ ସେଥିପାଇଁ କଂଚାଆମ୍ବ ଦେଇଛି, ତୋ'ପାଇଁ ସଜନା ଛୁଇଁ ଆଉ ଶାଗ ପଠେଇଛି। ତମ ଦୁହିଁଙ୍କୁ ସଦାବେଳେ ଝୁରୁଛି। ଆସିଲାବେଳେ କାନ୍ଦିକାନ୍ଦି କହୁଥିଲା କେଶିକୁ କହିବୁ, କେତେବେଳେ ଘଂଟାଏ ପାଇଁ ଆସି ମୋତେ ଦେଖିଯିବ, ମଲାଗଲା ସଂସାରକୁ ଏ କରୋନା କୁଆଡୁ ଆସିଲା କେଜାଣି! ଘଡିକେ ଘୋଡା ଛୁଟୁଛି। ଏଇ ଅଛି ଏଇ ନାଇଁ। ଭାଇ! କାନ୍ଦୁଛୁ ନା କ'ଣ! ତୋ ଆଖିରେ କ'ଣପାଇଁ ଲୁହ? କ'ଣ ହୋଇଛି ତୋ'ର କହ? ସତରେ ଯଦି ପଇସା ଦରକାର, ମୁଁ ଯାଉଛି ମୋ'ଭାଗ ବି ତୋତେ ଆଣି ଦେଇଯିବି। ସେ ତିରିଶ ହଜାର ବୋଉ ତା'ପାଖରେ ନାତି ପଢାଖର୍ଚ୍ଚ କରିବ ବୋଲି ରଖିଛି। ମୁଁ ସେଥିରୁ ଟଙ୍କା ହଜାରେ ମାଗିବାରୁ ବୋଉ ସଫାସଫା ମନା କରିଦେଲା। କହ, ତୋ'ର କ'ଣ ସତରେ ସେମିତି କିଛି ଅସୁବିଧା ଅଛି ଯଦି କେତେ ଦରକାର କହୁନୁ! ପୈତୃକ ଜମି ପରା ପରିବାରର ଗୋଟାଏ ବଳ। ତୁ ଚ୍ଚହିଁଲେ ସେଥିରୁ ମାଣେଖଣ୍ଡେ ବିକି କାଲି ତୋ'ପାଖକୁ ପଇସା ପହଁଚେଇ ଦେଇ ଚ୍ଚଲିଯିବି। କହ, ତୋ ଅସୁବିଧା କଥା। ?'

-'ନାଇଁ ବିଶିଆ, ମୋର କିଛି ଅସୁବିଧା ନାହିଁ। ମୋତେ ଦରମାପତ୍ର ନିୟମିତ ମିଳୁଛି। ତୋ'ଭାଉଜ ବାଜେ ଖର୍ଚ୍ଚ ବେଶୀ କରେ ତ ସେଥିପାଇଁ ମୁଁ ତୋ'ଭାଉଜକୁ ମିଛ କହିଥିଲି। ହେଲେ ତୁ କହିଲୁ, 'ତୁ ବୋଉକୁ କାହିଁକି ହଜାରେ ଟଙ୍କା ମାଗୁଥିଲୁ?'

-'ସେମିତି କିଛି ଅର୍ଜେଂଟ ଦରକାର ନାହିଁ। ତେଲ ଲୁଣର ସଂସାର ଯାହିତାହି ଚ୍ଚଲିଛି, ତୋର ବ୍ୟସ୍ତ ହେବାର ନାହିଁ। ବୀଣାର ଦିବର୍ଷ ହେଲାଣି ଶାଢୀଖଣ୍ଡେ କିଣା ହୋଇନି। ମୋର ଲୁଙ୍ଗିଗାମୁଛା ସବୁ ଚିରି ଗଲାଣି। ପୁଅର ବି କଲେଜ ପୋଷାକକୁ ଛାଡି ଆଉ ହଳେ ନାହିଁ। ଆଗକୁ ଚନ୍ଦନ ଯାତ୍ରାଟା ଆସୁଛି। ବଡପିଲା ହେଲାଣି ତ, ସାଙ୍ଗସାଥୀଙ୍କୁ ଦେଖି ଭଲ ପିନ୍ଧିବାକୁ ଖୋଜୁଛି। କୁଣିଆମୈତ୍ର ଘରକୁ ସେଇ କଲେଜ ପୋଷାକ ପିନ୍ଧି ଯିବାକୁ ଅମଙ୍ଗ ହେଉଛି। ଧୋଇ ଶୁଖେଇ ସେହି ଦୁଇହଳ ବର୍ଷସାରା ପିନ୍ଧୁଛି। ବର୍ଷାବର୍ଷ ଦିନରେ ନଶୁଖିଲେ ପଡାମାରା କରି ଘରେ ବୁଲୁଛି। ପାଦରେ ଜୋତା ତଳ ଫାଟିଗଲାଣି। ସେଇ ସବୁପାଇଁ ମାଗୁଥିଲି ଯେ ବୋଉ ମନାକଲା। ସିଏ ଠିକ୍ ଦରକାର ବେଳକୁ ଆପେଆପେ ଯାଚିକି ଦେବ ଯେ। ଯାଉ କେଇ ମାସେ, ପଛରେ କିଣିବା। ତୁ ତୋ ପଇସା ଗଣିନେ। ପୁରା ତିରିଶ ଅଛି। ପାଠ କହିଛି, 'ପାଣି ପିଇବ ଛାଣି, ପଇସା ନେବ ଗଣି।'

-'ମୁଁ ତ ବାକି ପଇସା ପଛରେ ଗଣିବି। ଏବେ ଏଇ ପାଂଚ ହଜାର ଗଣିଛି, ଏତକ ତୋ ଅଂଟିରେ ଆଗ ଖୋସ, ବାକି କଥା ପଛରେ ହେବା।'

-'ମୁଁ ତୋ ଟଙ୍କା ମୋ ଅଂଟିରେ ଖୋସିବି କାହିଁକି? ବୋଉ ପାଟି କରିବ। ମୋ ଭାଗ ସିଏ ରଖିଛି, ଏଗୁଡା ପରା ତୋ ଟଙ୍କା, ଭାଉଜଙ୍କୁ ଦେ।'

-'ଆରେ! ମୁଁ ବୋଉକୁ ବୁଝେଇ ଦେବି। ନେ ତୁ ଏ ଟଙ୍କା ନେ'। ଆଜି କ'ଣ କରିଛ ବନ୍ଦନା! ଆମ ଦୁଇଭାଇଙ୍କ ପାଇଁ କିଛି ଭଲ ରୋଷେଇ କର। ବିଶି ଖାଇକି ଦିପହରେ ଟିକେ ଶୋଇପଡୁ, ତା'ପରେ ସଂଧ୍ୟାରେ ଉଠି ଚ୍ଚଲିଯିବ। ଖରାରେ ଅଂଶୁଘାତ ବେମାରିରେ ରାସ୍ତାରେ ପଡି ବେହୋସ ହେବା ଘଟଣା ବହୁତ ଶୁଣିବାକୁ ମିଳୁଛି। ଏ ନିଅ। ତୁମେ ଯେଉଁ ତନିଷ୍କ ହାରହାର ହେଉଥିଲ, ତୁମପାଇଁ ମୋ ଟଙ୍କା ଲୋଡା ନାହିଁ, ସିଏ ଗାଁ ରୁ ପଚିଶହଜାର ଟଙ୍କା ଆଣି ଆସିଛି। ଗଣି ନିଅ, ପୁରା ପଚିଶହଜାର ଅଛି। ସିଏ ଗଲାପରେ ଆଜି ଯାଇଁ ତୁରନ୍ତ ତୁମର ସେ ହାରଟିକୁ ଆଗ ନେଇ ଆସିବ, ନହେଲେ ଆଉ କୋଉଗରାଖ ଯଦି ନେଇଯିବ ତୁମର ବଡ ଅବଶୋଷ ତ ରହିବ, ମୋତେ ବି ବହୁତ ବାଧିବ। କାରଣ ବାଡି ଶାଗୁଆନ୍ ଗଛବିକା ପଇସା, ପୁଣି ବୋଉ ଦୁଇଭାଗ କରି ଭାଇ ଭାଗ ଗାଁରୁ ସହର ପଠେଇଛି। ଭାଇ ନିଜେ ନେଇକି ଆସିଛି ଯେ ଫାଟକ ପାଖରେ ମୋ କ୍ୱାଟର୍ ଭିତରକୁ ପଶିବାକୁ ଘଂଟାଏ ଖରା ତାତିରେ ଛିଡାହେଲା। ମୋ ପକ୍ଷରେ ଏ ଘଟଣା ସବୁ ଅଦ୍ଭୁତ ଏବଂ ଚିରସ୍ମରଣୀୟ ହୋଇ ରହିବା ଅନିବାର୍ଯ୍ୟ। ତେଣୁ ଏଥିରେ ତୁମର ହାରଟିକୁ ଆଜି ହିଁ କିଣିବା ଉଚିତ୍। ତୁମ ବେକରେ ସେ ଉଜ୍ଜ୍ୱଳ ସୁନାହାରଟିକୁ ଦୈନିକ ଝୁଲୁଥିବା ଦେଖିଲେ ମୋର ସାନଭାଇ ସାଙ୍ଗରେ ଛୁଆବେଳେ ଲଗେଇଥିବା ସେ ଶାଗୁଆନ୍ ଗଛ, ବୋଉର ଚମ ଧୁଡୁଧୁଡୁ କୋରଡରେ ପଶିଯାଇଥିବା ଦୁଇଆଖିକୁ ନେଇ ଗୋଲମୁହଁର ଅମଳିନ ହସ ଏବଂ ଆମ ଗାଁର ଉଚ୍ଚସଂସ୍କାର ସବୁ ଜଳଜଳ ହୋଇ ନିତିଦିନ ମୋ ଆଗରେ ଝଲସିବ। ବନ୍ଦନା! ସତରେ ଧନ୍ୟ ତୁମ ମନ ଏବଂ ଧନ୍ୟ ତୁମ ସନ୍ଦେହ। ଧନ୍ୟ ତୁମେ ବନ୍ଦନୀୟା ବନ୍ଦନା! ନାରୀ ନୁହେଁ ନାରାୟଣୀ।'

+ଏଲ୍-୧୭/୧୫, ପଂଚଶଖା ନଗର,
ଡୁମୁଡୁମା, ଖଣ୍ଡଗିରି,
ଭୁବନେଶ୍ୱର-୭୫୧୦୧୯

# ବାଳିକା ବଧୂ

ଡମ୍ବରୁଧର ବେହେରା



ବର କ'ଣ? ବାହାଘର କ'ଣ? ଏକଥା ଶୁଣିବା ଆଗରୁ ଘର ଲୋକ ହାତଗଣ୍ଠି ପକାଇଦେଲେ। ବହି ଛଡାଇନେଇ ହାତରେ ଚଟୁ ଧରାଇ ଦେଲେ । ସାଙ୍ଗସାଥୀଙ୍କୁ ବାଡ ପକାଇ ଦେଇ ପଠେଇଦେଲେ ଶାଶୁଘର। ନିଜ ଅଜାଣତରେ ଜଞ୍ଜାଳରେ ପେଶି ହୋଇଗଲା ଜୀବନ। ସବୁ ଚପଳତା, କୋମଳତା ହଜିଗଲା। ଏମିତି ସବୁ କିଛି ହରାଇଥିବା ସେ ଦିନର ବାଳିକା ବଧୂ ଆଜି ବାଲ୍ୟବିବାହ ରୋକିବାର ବା ର୍ତ୍ତାବହ ସାଜିଛନ୍ତି। ଶପଥ ନେଇଛନ୍ତି ଆଉ କାହାର ପିଲାଦିନ, ଚପଳତା, କୋମଳତା ଓ ପାଠପଢ଼ା ଅକାଳରେ ହଜିବାକୁ ଦେବେନି।

ସେ ଥିଲେ ଆମ କେଶପୁର ଗାଁ ଚୁଲବୁଲି, ବ୍ରହ୍ମାଣ୍ଡ ସୁନ୍ଦରୀ, ଲାଜକୁଳୀ ଲତା, ଲବଙ୍ଗଲତା ଅଳପ ଆୟୁଷି, ଗାଁ ଆକାଶର ଅମାବାସ୍ୟାର ଚନ୍ଦ୍ର। ନାଆଁଟି ତା'ର ଚନ୍ଦ୍ରମା। ଦେଖିବାକୁ ଯେପରି ସୁନ୍ଦରୀ ସେହିପରି ବ୍ୟବହାରରେ ଉପମା ଅତୁଳନୀୟ। ଶାଶୂଘର କହିଲେ ଆମ ଗାଁ ନିକଟବ ର୍ତ୍ତୀ ପାହାଡ଼, ପର୍ବତ ଘେରା, ସବୁଜିମା ଭରା, ଛୋଟ ଗାଁ ଏରେଣ୍ଡ୍ରା । ବୟସ ପାଖାପାଖି ଚଉଦ କି ସତର। ବିବାହର ବୟସ ନ ହେଉଣୁ ବଧୂ ବେଶରେ ବେଦୀରେ ବସିବାକୁ ପଡ଼ିଥିଲା ତାଙ୍କୁ।

ହେଲେ ଗାଁରୁ ଛୋଟରୁ ବଡ ହୋଇ, ବାହାଘର ପରେ ରାଜଧାନୀ ଭୁବନେଶ୍ୱରରେ ରହୁଥିବା ଚନ୍ଦ୍ରମାଙ୍କ ଇଚ୍ଛାଶକ୍ତି କିନ୍ତୁ କେବଳ ଶାଶୁଘର ଚାରିକାନ୍ଥରେ ସୀମିତ ନ ଥିଲା । ବିବାହ ପରେ ଅଧାରୁ ପାଠ ଛାଡ଼ି ଦେଇଥିଲେ ମଧ ନିଜ ଉଦ୍ୟମରେ ପାଠ ପଢ଼ି, ଏକ ଘରୋଇ ସଂସ୍ଥାରେ ଚାକିରି ବି କରୁଥିଲା ସେ । ତା'ସହିତ କରୁଥିଲା ପ୍ରତିଦିନ ବାଲ୍ୟ ବିବାହରେ ଝିଅଟି ଭୋଗୁଥିବା ସମସ୍ୟା ବିଷୟରେ ବସ୍ତି ବସ୍ତି ବୁଲି ଲୋକଙ୍କୁ ସଚେତନ। ଏଥିପାଇଁ ତା'କୁ କେତେବେଳେ କାହାଠାରୁ ମାଡ ଖାଇବାକୁ ପଡ଼ିଛି ତ ଆଉ କାହାଠାରୁ ଗାଳି । ତଥାପି ନିଜ ଉପରେ ହୋଇଥିବା ଅନ୍ୟାୟ ଆଉ କାହା ସହ ନହେଉ, ସେଥିପାଇଁ ଆଲୋକର ଦୀପଶିଖା ଜାଳୁଛନ୍ତି। କୌଣସି ବସ୍ତିରେ ବାଲ୍ୟବିବାହ ହେଉଥିବା ଖବର ପାଇଲେ ଚନ୍ଦ୍ରମା ପହଂଚି ଯାଉଥିଲା ସେଠାରେ। ବିନା କଷ୍ଟରେ, ବିନା ଆମନ୍ତ୍ରଣ ବା ନିମନ୍ତ୍ରଣରେ। ଭୋଜିଭାତ ଖାଇବା ଉଦ୍ଦେଶ୍ୟରେ ନୁହଁ। କେବଳ ପିତାମାତାଙ୍କ ସହିତ ବର କନ୍ୟାଙ୍କୁ ବୁଝାଇବା ନିମନ୍ତେ।

ବ ର୍ତ୍ତମାନ ସୁଦ୍ଧା କହିବାକୁ ଗଲେ ଅନେକ ବାଲ୍ୟବିବାହ ରୋକି ସାରିଲେଣି। ଆଉ ଯେଉଁଠି ପିତାମାତା ଜବରଦସ୍ତି ବାଲ୍ୟବିବାହ କରାଇବାକୁ ଚେଷ୍ଟା କରନ୍ତି, ସେମାନଙ୍କୁ ଆଇନର ରାସ୍ତା ଦେଖାନ୍ତି। ଯଦିବା ତା'କୁ କେବେ କେହି ପ୍ରଶ୍ନ ଛଳରେ ପଚାରନ୍ତି ...... ?

ଚନ୍ଦ୍ରମା, ସତ କହିଲୁ ତୁମକୁ ଏହି କାମରୁ କଣ ମିଳେ....କାହିଁକି.....ଏସବୁ କରୁ... ? ତୁମର କଣ କିଛି କାମ ଧନ୍ଦା ନାହିଁ....... ?

ରାଜଧାନୀର ସାଲିଆ ସାହି ବସ୍ତିରେ ରହି ଆସୁଥିବା ଚନ୍ଦ୍ରମା କୁହନ୍ତି, ମୋ ଜୀବନର ଗୋଟିଏ ଲକ୍ଷ୍ୟ କେଉଁଠି ବାଲ୍ୟ ବିବାହ ହେବାକୁ ଦେବିନି।

ଏଥିପାଇଁ ଅନେକ ସ୍ତ୍ରୀ ଲୋକ ତାଙ୍କ ଘର ଆଗରେ ଆସି ଗାଳି ଗୁଲଜ କରନ୍ତି। ଆମ ଝିଅ ବାହାଘର କରାଇ ଦେଉନୁ। ଆମେ ବାପା ମା' ଯାହା ଇଚ୍ଛା କରିବୁ। ମୋ ପିଲା ବୟସ ଯାହା ହେଉ ତୋର କ'ଣ ଅଛି ..... ?

ଥରେ ନୁହେଁ ଦୁଇ ଥର ନୁହେଁ କେତେଥର ଯେ ଘରେ ପଶି ତାଙ୍କୁ ସାହିର କିଛି ଲୋକ ମାଡ଼ ବି ମାରିଥିଲେ। ତଥାପି ପଛକୁ ହଟିନାହାନ୍ତି ଚନ୍ଦ୍ରମା। ନିଜ ଅ[।ରେ ଲୁଗା ବାନ୍ଧି ପ୍ରତିବାଦ କରିଆସିଛି ବାରମ୍ବାର ସେ। ଡରି ଯାଇନି ବାପା ମାଆଙ୍କ ମୂରବୀ ପଣିଆକୁ ଦେଖି କିମ୍ବା ହାର ମାନି ନି ନିଜ ଲକ୍ଷ୍ୟ ହାସଲ କରିବା କାର୍ଯ୍ୟରେ। ଆସ୍ତେ ଆସ୍ତେ ଯୋଡ଼ି ହୋଇଛନ୍ତି ତା'ସହିତ ଜଣକ ପରେ ଜଣେ ଆଉ କେତେ ଜଣ ମହିଳା। କିନ୍ତୁ ସାହି ଲୋକଙ୍କ ଗାଳି ଗୁଲଜ, ମାଡ଼ପିଟ୍ ପରେ ଓହରିଗଲେ ସେମାନେ ।

ଚନ୍ଦ୍ରମାଙ୍କ ଜୀବନ କାହାଣୀ ଥିଲା ବି ସଂଘର୍ଷମୟ। ପଂଚମ ଶ୍ରେଣୀରେ ପଢୁଥିଲା ସେ। ଏତେ ପାଠ ପଢ଼ିବାରୁ ସାହି ଲୋକ ଦେଖି ସହି ପାରିଲେନି ।

ପ୍ରତିଦିନ ତାଙ୍କ ବାପା ଓ ମା'ଙ୍କୁ ଏଣୁତେଣୁ କହି ନିରୀହ ଚନ୍ଦ୍ରମାଙ୍କ ହାତରୁ କଲମ ଛଡାଇ ନେଲେ। ଘର ଲୋକଙ୍କ କହିବା କଥା ଦସ୍ତଖତ ଶିଖିଗଲୁ ସେତିକି ବଡ଼ କଥା। ଏବେ ଆଉ ପଢ଼ାର ଆବଶ୍ୟକତା ନାହିଁ। କିନ୍ତୁ ସେ ଭଲ ପାଠ ପଢୁଥିବାରୁ ଗାଁ ସ୍କୁଲ ସାର ତାଙ୍କର ଷଷ୍ଠ ଶ୍ରେଣୀ ପାଇଁ ରିଆଡମିସନ୍ କରାଇ ଦେଇଥିଲେ। ଷଷ୍ଠ ଓ ସପ୍ତମ ଶ୍ରେଣୀ ପାସ ହେବା ପରେ ତାଙ୍କ ଘର ଲୋକ କହିଲେ ଆଉ ପଢ଼ାଇ ପାରିବୁ ନାହିଁ। ଆମ ଗାଁରେ ହାଇସ୍କୁଲ ନାହିଁ, ଏତିକିରୁ ପାଠରେ ଡୋରୀ ବନ୍ଧା ହେଲା ବାଳିକା ବଧୂ ଚନ୍ଦ୍ରମାର। କିନ୍ତୁ ଚନ୍ଦ୍ରମାର ପାଠପାଢ଼ର ଝୁଙ୍କ ଏମିତି ଲାଗିଥିଲା ଯେ, ଗାଁ ପାଖ ବାଳିକା ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଚିନ୍ତା କଲେ ।ସେତେବେଳେ ଆଡମିଶନ୍ ଫି' ଥାଏ ମାତ୍ର ପଚାଶ ଟଙ୍କା। ଯେଉଁ ସମୟର କଥା କୁହା ଯାଉଛି ତତ୍କାଳୀନ ମସିହା କଥା। ସେହି ସମୟରେ ପଚାଶ ଟଙ୍କାର ମୂଲ୍ୟ କାହିଁରେ କ'ଣ ! ପଚାଶ ଟଙ୍କା ପାଇଁ ଚନ୍ଦ୍ରମା ମୂଲ ଲାଗିଲେ, ଧାନ ରୋଇବାକୁ ଗଲେ। ମଜୁରୀ ହିସାବରେ ତିନି ସେରେ ଧାନ ପାଇଥିଲେ। ତାକୁ ବିକ୍ରି କରି ଦଶମ ଯାଏ ପାଠ ପଢ଼ିଥିଲେ। କିନ୍ତୁ ତାଙ୍କର ଦୁର୍ଭାଗ୍ୟ ଯେ ଦଶମ ପରୀକ୍ଷା ମାତ୍ର କେଇମାସ ଥାଏ ବାହାଘର ହୋଇଗଲା। ବିବାହ କରିବେ ନାହିଁ କହିଥିଲେ ବି କେହି ଶୁଣି ନଥିଲେ। ପାଠ ଅଧା ଛାଡି ବିବାହ କଲେ। ସତର ବର୍ଷ ବେଳକୁ ତା ' କୋଳରେ ଦୁଇଟି ପିଲା। ଶାଶୁଘର ଲୋକ ଓ ସ୍ୱାମୀଙ୍କ ବାରଣ ସ ତ୍ତ୍ୱେ ପୁନଶ୍ଚ ଦଶମ ପରୀକ୍ଷା ଦେଲେ। ଘର ସଂସ୍କାର, ସ୍ୱାମୀ ଓ ଦୁଇଟା ପିଲା ଦାୟିତ୍ୱ ସ ତ୍ତ୍ୱେ ଦଶମ ପରୀକ୍ଷାରେ ଭଲ ନମ୍ବର ରଖି ପାସ କଲେ। ତା'ପରେ ଯୁକ୍ତଦୁଇ, ଗ୍ରାଜୁଏସନ୍ ଓ ହୋଟେଲ ମ୍ୟାନେଜମେ[ କୋର୍ସ କଲେ। ଏବେ ସେ କାହାରି ପରାଧିନତାର ଲୁହା ଶିକୁଳିରେ ବନ୍ଧା ନ ହୋଇ ମୁକ୍ତ ଆକାଶର ବିହଙ୍ଗ ସମ ନିଜ ଇଚ୍ଛା ମୁତାବକ ଦୁନିଆର ଖୋଲା ଆକାଶରେ ନିଜ ଗୋଡ଼ରେ ନିଜେ ଠିଆ ହେବା ସଙ୍ଗେ ସଙ୍ଗେ ନିଜ ସ୍ୱାମୀ, ଶାଶୁ, ଶଶୁର,ଦିଅର, ନଣନ୍ଦ ଆଉ ତା'ର ଦୁଇଟି ସନ୍ତାନକୁ ନେଇ ହସ ଖୁସିରେ ନିଜ ତେଲ ଲୁଣର ସଂସାରରେ ବେଶ ଖୁସିରେ ଚଳି ଆସୁଛି; ଆଜି ସେ ଅତୀତର ବାଳିକା ବଧୂ ଚନ୍ଦ୍ରମା ନ ହୋଇ ସାଜିଛି ବଧୂ ନିରୁପମା, ସୃଗୃହିଣୀ, ପତି ସୁହାଗିନୀ ଅଳକା ଚାନ୍ଦ। ସେଦିନର ବାଳିକା ବଧୂ; ଆଜିକାର ବାଦଲ ଭରା ଆକାଶରୁ ଖସି ପଡୁଥିବା ସୁମଧୁର, ଶୀତଳ ମେଘ ଖଣ୍ଡର ଅତୃପ୍ତ ଚାତକ ପକ୍ଷୀର ବର୍ଷା ଜଳର କାକର ବିନ୍ଦୁ; ଉଚ୍ଚ ଶିକ୍ଷିତ ମହିଳା, ସମାଜ ସେବୀ, ସୁବକ୍ତା, ସମାଜ୍ କଲ୍ୟାଣୀ......ବାଳିକା ବଧୂ...ନୁହେଁ.....ବଧୂ ନିରୁପମା.....।

ବାହାଘର କ'ଣ ଜାଣିବା ପୂର୍ବରୁ ହାତଗଣ୍ଠି ପକାଇଦେଇଥିଲେ ଘର ଲୋକେ, ଏବେ ବାଲ୍ୟ ବିବାହ ରୋକିବାକୁ ବାଲ୍ୟବଧୂଙ୍କ ପ୍ରୟାସ....ସେହି ବାଳିକା ବଧୂ......।"

+ଶିକ୍ଷକ,ନବୋଦୟ ବିଦ୍ୟାଳୟ, ସୁରଳ(ଗଞ୍ଜାମ)
(ମୋ) -୯୪୩୭୭୮୮୪୬୪

# ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ ଟୁରରେ ଏଥର ଲାଂଜିଆ ସଉରା ଘର

ଭୁବନେଶ୍ୱର,୬/୬ (ନି.ପ୍ର): କରୋନା ସଂକ୍ରମଣ ଯୋଗୁଁ ଜନଜାତି ସଂଗ୍ରହାଳୟ ବନ୍ଦ ରହିଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଦର୍ଶକମାନଙ୍କ ପାଇଁ ଭର୍ଚୁଆଲ ଟୁରର ବ୍ୟବସ୍ଥା କରାଯାଇଛି । ଦର୍ଶକମାନେ ଜୁନ୍ ୬ ତାରିଖ ଦିନ ଟୁଇଟର ଓ ଫେସ୍ ବୁକ୍ ପେଜ୍ ମାଧ୍ୟମରେ ଲାଂଜିଆ ସଉରାଙ୍କ ଘର ବିଷୟରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି । ଲାଂଜିଆ ସଉରା ଜନଜାତିମାନେ ଗୋଟିଏ ବଖରା ଥିବା ଘରେ ରୁହନ୍ତି । ଗୋଟିଏ ପଟେ ଉଚ୍ଚ କାଠଭାଡ଼ିରେ ଶସ୍ୟ ସଂରକ୍ଷଣ କରାଯାଇଥାଏ । ଏହାର ନିମ୍ନ ଭାଗରେ ଚୁଲି ଓ ଛୋଟ ମନ୍ଦିର ରହିଥାଏ । ଘରର ଅନ୍ୟ ପଟେ ଆକର୍ଷଣୀୟ 'ଇଡ଼ିତାଲ' ଚିତ୍ରକଳା ରହିଥାଏ। ଭୂତ, ପ୍ରେତ ଓ ଆତ୍ମାକୁ ତୋଷଣ କରିବା ପାଇଁ ଏହି ଚିତ୍ରକଳା ଅଙ୍କନ କରାଯାଇଥାଏ। ବାରଣ୍ଡା ତଳକୁ ଘୁଷୁରୀ ଓ ଅନ୍ୟ ପକ୍ଷୀ ରଖିବାର ବ୍ୟବସ୍ଥା ରହିଥାଏ। 'ଇଡ଼ିତାଲ ' ସଉରା ଜନ ଜାତି ସଂପ୍ରଦାୟର ଏକ ଆନୁଷ୍ଠାନିକ ଚିତ୍ରକଳା। ନାଲି ଅକ୍ସାଇଡ୍ ପୃଷ୍ଠଭୂମି ଉପରେ ଚାଉଳ ଗୁଣ୍ଡରେ ଏହାକୁ ଅଙ୍କନ କରାଯାଇଥାଏ। ପ୍ରତ୍ୟେକ ଧାର୍ମିକ ପୂଜାପାଠ ନିମନ୍ତେ ୬୨ ପ୍ରକାରର 'ଇଡ଼ିତାଲ୍' ରହିଛି। ସଂପ୍ରତି ଏହି 'ଇଡ଼ିତାଲ୍' ଚିତ୍ରକଳାକୁ କାଗଜ ଓ କାନଭାସ୍ ଉପରେ ମଧ୍ୟ ଅଙ୍କନ କରାଯାଉଛି।

# ବିକ୍ରମ କେଶରୀ ବର୍ମାଙ୍କ ବିୟୋଗରେ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଶୋକ

ଭୁବନେଶ୍ୱର,୬/୬ (ନି.ପ୍ର): ବିଶିଷ୍ଟ ରାଜନୀତିଜ୍ଞ, ପୂର୍ବତନ ବିଧାୟକ, ଶିକ୍ଷକ ନେତା ତଥା ସୁଲେଖକ ବିକ୍ରମ କେଶରୀ ବର୍ମାଙ୍କ ବିୟୋଗରେ ଯୋଜନା ଓ ସଂଯୋଜନ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା ଗଭୀର ଶୋକ ପ୍ରକାଶ କରିଛନ୍ତି। ମନ୍ତ୍ରୀ ଶ୍ରୀ ବେହେରା ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ, ବିକ୍ରମବାବୁ ସ୍ନାତକୋତର ଶିକ୍ଷା ପରେ ଅଧ୍ୟାପନାକୁ ଆଦରି ନେଇ ବାଲେଶ୍ୱର ଜିଲ୍ଲା ଖଇରା କଲେଜ ଓ କଟକସ୍ଥିତ ଜେଏନ୍ କଲେଜରେ ଅଧ୍ୟକ୍ଷ ପଦ ମଣ୍ଡନ କରିଥିଲେ। ୧୯୯୧ରେ ସେ ରାଜ୍ୟ ବିହନ ନିଗମର ଅଧ୍ୟକ୍ଷ ପଦବୀରେ ଥିବାବେଳେ କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ଶ୍ରେଷ୍ଠ ଉତ୍ପାଦନ ପୁରସ୍କାର ଲାଭ କରିଥିଲେ। ପରେ ସେ କିଛିବର୍ଷ ପାଇଁ ରାଜ୍ୟ କାଜୁ ନିଗମର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ। ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ତ୍ରୟୋଦଶ ବିଧାନସଭାକୁ ମାହାଙ୍ଗା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଜଣେ ପ୍ରତିବଦ୍ଧ ବିଧାୟକ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ନେତୃତ୍ୱରେ ୟୁନାଇଟେଡ୍ ଟିଚର୍ସ ଆଣ୍ଡ ଏମ୍ପ୍ଲଇ ଆସୋସିଏସନ୍ ଗଠିତ ହୋଇଥିଲା। ଜଣେ ସାହିତ୍ୟିକ, ସଂଗଠକ, ସମାଜସେବୀ ଓ ବକ୍ତା ଭାବରେ ତାଙ୍କର ଯଥେଷ୍ଟ ସୁନାମ ଥିଲା। ତାଙ୍କ ବିୟୋଗରେ ବିଜୁ ଜନତା ଦଳ ଜଣେ ପୁରୁଖା କର୍ମକର୍ତ୍ତାଙ୍କୁ ହରାଇଲା ବୋଲି ମନ୍ତ୍ରୀ ଶ୍ରୀ ବେହେରା ଉଲ୍ଲେଖ କରିଛନ୍ତି।

ମନ୍ତ୍ରୀ ଶ୍ରୀ ବେହେରା ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହିତ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଜାତୀୟ ପୁରସ୍କାର ପ୍ରାପ୍ତ ଅଭିନେତା ଅଟଳ ବିହାରୀ ପଣ୍ଡାଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର,୬/୬ (ନି.ପ୍ର): ଜାତୀୟ ପୁରସ୍କାର ପ୍ରାପ୍ତ ବର୍ଷିଆନ ଅଭିନେତା ଅଟଳ ବିହାରୀ ପଣ୍ଡାଙ୍କ ପରଲୋକରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ସ୍ୱର୍ଗତଃ ପଣ୍ଡା କିଛିଦିନ ଧରି ଅସୁସ୍ଥ ହୋଇ ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ୯୩ ବର୍ଷ ବୟସରେ ତାଙ୍କ ଦେହାନ୍ତ ଖବର ସମଗ୍ର ରାଜ୍ୟରେ ବିଶେଷ କରି ପଶ୍ଚିମ ଓଡ଼ିଶାରେ ଶୋକରଛାୟା ଖେଳିଯିବା ସହ ମୋତେ ମର୍ମାହତ କରିଛି।

୧୦୦ ରୁ ଅଧିକ ଲୋକପ୍ରିୟ ନାଟକରେ ନିଖୁଣ ଅଭିନୟ କରି ପ୍ରଶଂସା ସାଉଁଟିଥିବା ପଣ୍ଡା ୮୩ ବର୍ଷ ବୟସରେ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଚଳଚିତ୍ର 'ଶଳାବୁଢ଼ା'ରେ ପ୍ରଥମ ଅଭିନୟ କରି ଚଳଚିତ୍ର ଜଗତରେ ପାଦ ଦେଇଥିଲେ। "ଶଳାବୁଢ଼ା"ରେ ସ୍ୱର୍ଗତଃ ପଣ୍ଡାଙ୍କ ନିଖୁଣ ଅଭିନୟ ପାଇଁ ସେ ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ପୁରସ୍କାର ସହ ୨୫ତମ ରାଜ୍ୟ ଚଳଚିତ୍ର ପୁରସ୍କାର ଏବଂ "ଆଦିମ ବିଚାର" ରେ ଶ୍ରେଷ୍ଠ ସଂଳାପ ଲେଖକ ଭାବେ ୨୬ତମ ରାଜ୍ୟ ଚଳଚିତ୍ର ପୁରସ୍କାର ପାଇଛନ୍ତି। ସ୍ୱର୍ଗତଃ ପଣ୍ଡା ଏକାଧାରରେ ଜଣେ ନାଟ୍ୟକାର, ଅଭିନେତା ଓ ସଂଳାପ ଲେଖକ ଥିଲେ। ସେହିଭଳି କଳାକାର ଆଉ ଜନ୍ମ ହେଲା ଭଳି ମୁଁ ଭାବି ପାରୁନାହିଁ। ରାଜ୍ୟ କଳାକାର ଜଗତ ପାଇଁ ଅପୂରଣୀୟ କ୍ଷତି। ଅଭିନୟ କ୍ଷେତ୍ରରେ ପାରଦର୍ଶିତା ପାଇଁ ସ୍ୱର୍ଗତ ପଣ୍ଡାଙ୍କୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନଜନକ ଡି ଲିଟ ଡିଗ୍ରୀ ସହ ସରକାରୀ ଓ ବେସରକାରୀ ସ୍ତରରେ ଅନେକ ଗୁଡ଼ିଏ ପୁରସ୍କାର ସାଉଁଟିଛନ୍ତି। ସ୍ୱର୍ଗତଃ ପଣ୍ଡାଙ୍କ ଅମର ଆତ୍ମାର ସଦଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି ପିସିସି ସଭାପତି ଶ୍ରୀ ପଟ୍ଟନାୟକ।

# କୋଭିଡ୍ ଟିକାର ଗ୍ଲୋବାଲ ଟେଣ୍ଡର: ୯ରେ ଖୋଲିବ ପ୍ରାଇସ୍ ବିଡ୍




ଭୁବନେଶ୍ୱର,୬/୬ (ନି.ପ୍ର): ୧୮ରୁ ୪୪ବର୍ଷ ବୟସ୍କଙ୍କୁ ମାଗଣାରେ ଟିକାକରଣ କରାଇବା ପାଇଁ ରାଜ୍ୟ ସରକାର ଡାକିଥିବା ଗ୍ଲୋବାଲ ଟେଣ୍ଡରର ପ୍ରାଇସ୍ ବିଡ୍ ଆସନ୍ତା ୯ତାରିଖରେ ଖୋଲାଯିବ। ଆଜି ଏହି ଗ୍ଲୋବାଲ ଟେଣ୍ଡର ପାଇଁ ବିଡ୍ ଦାଖଲର ଶେଷଦିନ ଥିବାବେଳେ ୨ଟି ସଂସ୍ଥା ଏଥିରେ ଅଂଶଗ୍ରହଣ କରିଛନ୍ତି।

ସାମୁହିକ ଟିକାକରଣ ମଶଧମରେ କୋଭିଡ୍ ମହାମାରୀକୁ ନିୟନ୍ତ୍ରଣ କରିବାକୁ ରଣନୀତି ପ୍ରସ୍ତୁତ କରିଥିବା ରାଜ୍ୟ ସରକାର ଏବେ କୋଭିଡ୍ ଟିକା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିବାବେଳେ ଆଜି ଶେଷଦିନରେ କୋଭିଡ୍ ଟିକା ନିମନ୍ତେ ଗ୍ଲୋବାଲ ଟେଣ୍ଡରରେ ୨ଟି ସଂସ୍ଥା ଅଂଶଗ୍ରହଣ କରିଛନ୍ତି। ଏ ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସୂଚନା ଦେଇ କହିଛନ୍ତି ଯେ, ୨ଟି ସଂସ୍ଥାର ଆବେଦନକୁ ଗ୍ରହଣ କରାଯାଇଛି। ଏହି ଦୁଇ ଆବେଦନକାରୀ ସଂସ୍ଥାର ମୂଲ୍ୟାଙ୍କନ କରାଯାଉଛି।

ସେପଟେ ରାଜ୍ୟ ମେଡିକାଲ ନିଗମର ସୂଚନା ଅନୁସାରେ ଆସନ୍ତା ୯ତାରିଖ ପୂର୍ବାହ୍ନ ସାଢ଼େ ୧୧ଟାରେ ଗ୍ଲୋବାଲ ଟେଣ୍ଡର ପାଇଁ ପ୍ରାଇସ୍ ବିଡ୍ ଖୋଲିବ। ଯେଉଁ ଦୁଇ ସଂସ୍ଥାର ଆବେଦନ ମିଳିଛି ତାକୁ ତର୍ଜମା କରାଯିବା ସହ ସେମାନେ ନିର୍ଦ୍ଧାରିତ ଅବଧି ମଧ୍ୟରେ ଟିକା ଦେଇପାରିବେ କି ନାହିଁ, ସେମାନେ ଟିକା ପାଇଁ ଧାର୍ଯ୍ୟ କରିଥିବା ଦର ଆଦିକୁ ବିଚାରକୁ ନିଆଯାଇ ଆସନ୍ତା ୯ତାରିଖରେ ଚୂଡ଼ାନ୍ତ ଘୋଷଣା କରାଯିବ।

ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ୩.୮୦କୋଟି ଡୋଜ୍ କୋଭିଡ୍ ଟିକା ପାଇଁ ଗ୍ଲୋବାଲ ଟେଣ୍ଡର ଡାକିଛନ୍ତି। ତେବେ ଗତ ଜୁନ୍ ୧ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ଗ୍ଲୋବାଲ ଟେଣ୍ଡର ପାଇଁ ଦେଶର ଦୁଇ ଟିକା କମ୍ପାନୀ ଭାରତ ବାୟୋଟେକ ଓ ଶିରମ୍ ଇନଷ୍ଟିଚ୍ୟୁଟ୍ ଆଗ୍ରହୀ ନଥିବା କହିଥିବାବେଳେ ବିଦେଶୀ କମ୍ପାନୀଗୁଡ଼ିକ କେନ୍ଦ୍ର ସରକାରଙ୍କ ସହ ଚୁକ୍ତିବଦ୍ଧ ହେବାକୁ ଚାହୁଁଥିବା ଜଣାଇଥିଲେ।

ଏହାସହିତ କେନ୍ଦ୍ର ସରକାର ଟିକା କିଣି ରାଜ୍ୟକୁ ବଣ୍ଟନ କରନ୍ତୁ ବୋଲି ଉଭୟ ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଏଭଳି ସ୍ଥିତିରେ ରାଜ୍ୟ ସରକାର ଡାକିଥିବା ଗ୍ଲୋବାଲ ଟେଣ୍ଡର ପାଇଁ ୨ଟି ସଂସ୍ଥା ନିଜର ଆବେଦନ କରିଛନ୍ତି। ତେବେ ଏହି ଦୁଇଟି ସଂସ୍ଥା ଟିକା ଉତ୍ପାଦନକାରୀ କମ୍ପାନୀ ନା ସେମାନଙ୍କର ଡିଷ୍ଟ୍ରିବ୍ୟୁଟର ତାହା ଜଣାପଡ଼ିନି।

## ଯୁବ ବିଜେଡି ପକ୍ଷରୁ ରନ୍ଧା ଖାଦ୍ୟ ଓ ମାସ୍କ ବଂଟନ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୬/୬ (ନି.ପ୍ର): ଭୁବନେଶ୍ୱରସ୍ଥିତ ଭି.ଏସ.ଏସ ନଗରର ଦିରକୁଟ ସାହିଠାରେ ଯୁବ ନେତା ସ୍ୱର୍ଗତ ବିପ୍ଲବ ମହାନ୍ତିଙ୍କ ଏକାଦଶାହ ଉପଲକ୍ଷେ ଯୁବ ବିଜେଡ଼ି ତରଫରୁ ମାସ୍କ ଓ ରନ୍ଧା ଖାଦ୍ୟ ବଂଟନ କରାଯିବା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ସୁଶାନ୍ତ ରାଉତଙ୍କ ସହ ଯୁବ ବିଜେଡ଼ି ବରିଷ୍ଠ ଉପସଭାପତି ରଂଜନ ମାର୍ଥା, ସମ୍ପାଦକ ଶୁଭ୍ରଜିତ ପାଢ଼ୀ, ଯୁଗ୍ମ ସମ୍ପାଦକ ଅମରଜିତ୍ ଗଉଡ଼, ସାଧାରଣ ସମ୍ପାଦକ ତାରିଣୀ ପ୍ରସାଦ ନାୟକ ଆଦି ଉପସ୍ଥିତ ଥିଲେ ।

# ଆସିଲା ୮ଶହ ମନୋକ୍ଲୋନାଲ ଆଣ୍ଟିବଡି କକ୍‌ଟେଲ, ହଜାରେ 'ଭିରାଫିନ୍' ଭାଏଲ




ଭୁବନେଶ୍ୱର,୬/୬ (ନି.ପ୍ର): କୋଭିଡ ରୋଗୀଙ୍କ ପାଇଁ ନିକଟରେ ଅନୁମତି ମିଳିଥିବା ମନୋକ୍ଲୋନାଲ ଆଣ୍ଟିବଡି କକଟେଲ୍ (କାସିରିଭିମା, ଇମ୍‌ଡେଭିମା) ଇଞ୍ଜେକସନ୍ ଓ ଭିରାଫିନ୍‌କୁ ରାଜ୍ୟ ସରକାର କିଣିଛନ୍ତି। ମନୋକ୍ଲୋନାଲ ଆଣ୍ଟିବଡି କକଟେଲ ଅତ୍ୟନ୍ତ ଦାମୀ ଇଞ୍ଜେକସନ୍ ହୋଇଥିବାରୁ ଏହାକୁ କିଭଳି ଲୋକଙ୍କଠାରେ ବ୍ୟବହାର କରାଯିବ, ତାହାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ତର୍ଜମା କରୁଛି।

କିଛି ଦିନ ପୂର୍ବରୁ ରାଜ୍ୟରେ ଆପୋଲୋ ହସ୍ପିଟାଲରେ ମନୋକ୍ଲୋନାଲ ଆଣ୍ଟିବଡି କକ୍‌ଟେଲ ଚିକିତ୍ସା ଆରମ୍ଭ ହୋଇସାରିଛି। ସକ୍ସ କିମ୍ବା ମଧ୍ୟମଧରଣର କରୋନା ସଂକ୍ରମିତଙ୍କ କ୍ଷେତ୍ରରେ ମନୋକ୍ଲୋନାଲ ଆଣ୍ଟିବଡି କକ୍‌ଟେଲ ବେଶ୍ ଫଳପ୍ରଦ ହେଉଥିବା କୁହାଯାଉଛି। ଫଳରେ ସଂକ୍ରମିତଙ୍କୁ ହସ୍ପିଟାଲରେ ଆଡମିସନ୍‌କୁ ରୋକାଯିବା ସହ କରୋନାଜନିତ ମୃତ୍ୟୁକୁ ମଧ୍ୟ କମାଇ ଦେଉଥିବା ଦାବି କରାଯାଉଛି। ଯଦି ଏହା ଫଳପ୍ରଦ ହୁଏ, ତାହାଲେ ହସ୍ପିଟାଲ ଉପରୁ ଚାପ କମିବ। ହେଲେ ଏହି ଇଞ୍ଜେକସନ୍‌ର ଦାମ ୬୦ ହଜାର ଟଙ୍କା ରହିଛି। ଏହି କାରଣରୁ ଇଞ୍ଜେକସନ୍‌କୁ ରାଜ୍ୟରେ ଏହାକୁ କିଭଳି ବ୍ୟବହାର କରାଯିବ, ତାହାର ଅନୁଶୀଳନ କରାଯାଉଛି। ଯଦି ଘରୋଇ ହସ୍ପିଟାଲର ଡାକ୍ତରଙ୍କ ଚିକିତ୍ସାରେ ରହିଥିବା ରୋଗୀ ଯଦି ଚାହିବେ, ତାହାଲେ ସେମାନେ ଆବଶ୍ୟକ କାଗଜପତ୍ର ଦେଖାଇ ଏହି ଇଞ୍ଜେକସନ୍ ମଧ୍ୟ ନେଇପାରିବେ କି ନାହିଁ, ସେନେଇ ବି ବିଚାରବିମର୍ଶ ଜାରି ରହିଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ମନୋକ୍ଲୋନାଲ ଆଣ୍ଟିବଡି କକ୍‌ଟେଲର ୮ଶହ ଇଞ୍ଜେକସନ୍‌କୁ ରାଜ୍ୟ ଔଷଧ ନିଗମ କିଣିଛି। ଏହାସହ ହଜାର ଇଞ୍ଜେକସନ୍ 'ଭିରାଫିନ୍' ମଧ୍ୟ ଓଡ଼ିଶାକୁ ଆସିଛି। ତେବେ 'ଭିରାଫିନ୍'କୁ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କ କ୍ଷେତ୍ରରେ ବ୍ୟବହାର କରାଯିବ କି ନାହିଁ, ତାହା ସ୍ପଷ୍ଟ ହୋଇପାରିନାହିଁ। ମାତ୍ର ଖୋଲା ବଜାରରେ ଏହା ଉପଲବ୍ଧ ହେବ ନାହିଁ ବୋଲି ସୂଚନା ମିଳିଛି।

# ରାଜ୍ୟରେ ୪୦ ଶିଶୁ ଅନାଥ, ୧୦୦ରୁ ଅଧିକ ଶିଶୁ ବାପା କିମ୍ବା ମା'ଙ୍କୁ ହରାଇଲେଣି



ଭୁବନେଶ୍ୱର ,୬/୬ (ନି.ପ୍ର): କୋଭିଡ ଦ୍ୱିତୀୟ ଲହରରେ ରାଜ୍ୟରେ ପ୍ରାୟ ୪୦ ଶିଶୁ ଅନାଥ ହୋଇସାରିଲେଣି । ଏହି ଶିଶୁମାନଙ୍କ ବାପା-ମା'ଙ୍କୁ ସେମାନଙ୍କ ଠାରୁ ଛଡ଼ାଇ ନେଇଛି କରୋନା। ଏପରି ଶିଶୁମାନେ ଏବେ ବେସାହାରା ହୋଇପଡ଼ିଛନ୍ତି। ସବୁଦିନ ପାଇଁ ସେମାନଙ୍କ ମୁହଁରୁ ହସ ଲିଭାଇ ଦେଇଛି କରୋନା। ଯେଉଁ ବୟସରେ ସେମାନଙ୍କର ଖେଳ ଓ ପାଠରେ ସମୟ ବିତିବା କଥା, ସେହି ବୟସରେ ସେମାନେ ବଞ୍ଚିବା ପାଇଁ ସଂଘର୍ଷ ଆରମ୍ଭ କରି ଦେଇଛନ୍ତି। ଏବେ ସେମାନଙ୍କ ଭବିଷ୍ୟତ କ'ଣ ହେବ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନାଥ ଶିଶୁଙ୍କୁ ତତ୍କାଳ ସହାୟତା ଦେବା ପାଇଁ ସରକାର ଅବଶ୍ୟ ହାତ ବଢ଼ାଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨ ଜଣ ଶିଶୁଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ସାମିଲ କରାଯାଇଛି। କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜରୁ ୩ ଜଣ ଲେଖାଏ, ଭଦ୍ରକ, ରାୟଗଡ଼ା ଓ ଦେବଗଡ଼ରୁ ୨ ଜଣ ଲେଖାଏ ପିଲାଙ୍କୁ ମାସିକ ୫୦୦ ଟଙ୍କା ଲେଖାଏ ପେନ୍‌ସନ୍ ମିଳିବ। ଯେଉଁ ପିଲାମାନେ କୋଭିଡ୍‌ରେ ବାପା, ମା'ଙ୍କୁ ହରାଇଛନ୍ତି, ସେମାନଙ୍କ ନାମ ଆସିଲା ପରେ ଆବଶ୍ୟକ ଯାଞ୍ଚ କରାଯାଇ ପେନ୍‌ସନ୍ ଯୋଜନାରେ ସେମାନଙ୍କୁ ସାମିଲ୍ କରାଯାଉଛି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ତେଣୁ ଆଗକୁ ଅଧିକ ପିଲା ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ବୋଲି ସେ କହିଛନ୍ତି।

ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ କୋଭିଡ୍‌ରେ ଉଭୟ ବାପା-ମା' ମରିଥିଲେ ହିଁ ସେମାନେ ପେନ୍‌ସନ୍ ପାଇବାକୁ ଯୋଗ୍ୟ ହେବେ। କିନ୍ତୁ କିଛି ପିଲା ପୂର୍ବରୁ ବାପା କିମ୍ବା ମା' ଛେଉଣ୍ଡ ଥିଲା ବେଳେ କୋଭିଡ୍‌ରେ ଆଉ ଜଣଙ୍କୁ ହରାଇଛନ୍ତି। ଫଳରେ ସେମାନେ ଅନାଥ ହୋଇଯାଇଛନ୍ତି। କିନ୍ତୁ ଉଭୟ ବାପା-ମା' କୋଭିଡ୍ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରି ନ ଥିବାରୁ ସେମାନଙ୍କୁ ପେନ୍‌ସନ୍ ମିଳିବ କି ନାହିଁ, ତାହା ସ୍ପଷ୍ଟ ହୋଇ ନାହିଁ। ସରକାର ଏହି ଦିଗକୁ ବିଚାର କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

କିଛିପିଲା ତ ଉଭୟ ବାପା-ମା'ଙ୍କ ହରାଇ ଅନାଥ ହେଉଛନ୍ତି। ଆଉ କିଛି ପିଲା କରୋନାରେ ବାପା କିମ୍ବା ମା' ଜଣଙ୍କୁ ହରାଇ ହତାଶ ହୋଇପଡ଼ିଛନ୍ତି। ଏହିପରି ପିଲାଙ୍କ ସଂଖ୍ୟା ୧୦୦ରୁ ଅଧିକ। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିଲା ବେଳେ ଘରର ମୁରବୀଙ୍କ ମୃତ୍ୟୁ ଏହି ପିଲାମାନଙ୍କ ଭବିଷ୍ୟତ ଗଠନରେ ବିରାଟ ପ୍ରତିବନ୍ଧକ ସୃଷ୍ଟି କରିବାକୁ ଯାଉଛି। ଏପରି ପିଲାଙ୍କ ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ସରକାରୀ ବ୍ୟବସ୍ଥା ହୋଇ ନ ଥିବା ଜଣାପଡ଼ିଛି।

ରାଜଧାନୀ କଳିଙ୍ଗବିହାରର ଅଧିବାସୀ ବାସନ୍ତୀଲତା ପାତ୍ର(୪୫)ଙ୍କ ଜୀବନ ଗୋଟିଏ ମାସ ମଧ୍ୟରେ ଏଭଳି ପରିବର୍ତ୍ତନ ହୋଇଯିବ, ତାହା ସେ କେବେ ବି ଚିନ୍ତା କରି ନ ଥିଲେ। ଦ୍ୱାଦଶ ଶ୍ରେଣୀରେ ପଢୁଥିବା ପୁଅକୁ ଆଇଆଇଟିରେ ପଢାଇବା ଜୁନ ମାସରୁ କୋଚିଂ ଦେବା ପାଇଁ ପ୍ରସ୍ତୁତ ହେଉଥିଲେ ସେ। କିନ୍ତୁ ବର୍ତ୍ତମାନ ଦୁଇ ସନ୍ତାନଙ୍କ ସ୍କୁଲ ଫି' କିଭଳି ଦେବେ ତାହା ଜାଣିପାରୁନାହାନ୍ତି।

# ଏସଡିଜି ରିପୋର୍ଟକୁ ନେଇ ରାଜନୀତି କରିବା ଉଚିତ ନୁହେଁ: ଅମର ପଟ୍ଟନାୟକ



ଭୁବନେଶ୍ୱର,୬/୬ (ନି.ପ୍ର): ସାମ୍ବାଦିକ ସମ୍ମିଳନୀରେ ବିଜେପିକୁ ଟାର୍ଗେଟ କଲେ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ। ନୀତି ଆୟୋଗ ତଥ୍ୟ ଗ୍ରହଣର ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଲେ ସାଂସଦ ଅମର ପଟ୍ଟନାୟକ। ଏସଡିଜି ଏକ ରାଜନୈତିକ ରିପୋର୍ଟ ନୁହେଁ । ଏହାକୁ ନେଇ ରାଜନୀତି କରିବା ଉଚିତ ନୁହେଁ ବୋଲି କହିଛନ୍ତି ଅମର ପଟ୍ଟନାୟକ। ସୂଚନାଯୋଗ୍ୟ, ଏସଡିଜି ରିପୋର୍ଟରେ ଓଡ଼ିଶାର ୧୯ତମ ସ୍ଥାନକୁ ନେଇ ରାଜ୍ୟ ସରକାରଙ୍କୁ ସାମ୍ବାଦିକ ସମ୍ମିଳନୀରେ ବିଜେଡିକୁ ୫ଟି ପ୍ରଶ୍ନ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ସେ କହିଛନ୍ତି, ୨୧ ବର୍ଷ ଶାସନ ପରେ ଓଡ଼ିଶାର ୩୩ ପ୍ରତିଶତ ଲୋକ କାହିଁକି ଅଛନ୍ତି ଦାରିଦ୍ର୍ୟ ସୀମାରେଖା ତଳେ । ୨୮ଟି ରାଜ୍ୟ ତାଲିକାରେ ତଳୁ ୫ଟି ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ କାହିଁକି ପାଇବ। ସାଢ଼େ ୪କୋଟି ଓଡ଼ିଶାବାସୀଙ୍କ ଉପରେ ଏହା କୁଠାରଘାତ ନୁହେଁ କି ବୋଲି ପ୍ରଶ୍ନ କରିଛନ୍ତି ଅପରାଜିତା। ଏହା ସହ ସେ କହିଛନ୍ତି କି ସହରାଞ୍ଚଳର କିଛି ଭାଗରେ ସୌନ୍ଦର୍ଯ୍ୟକଣ କରି ରାଜ୍ୟର ବିକାଶ କରାଯାଉଛି।

# ଛାତ୍ର କଂଗ୍ରେସ ପକ୍ଷରୁ ବିଶ୍ୱପରିବେଶ ଦିବସ ପାଳିତ

ଭୁବନେଶ୍ୱର,୬/୬ (ନି.ପ୍ର): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ସୟଦ ୟାସିର ନୱାଜଙ୍କ ନେତୃତ୍ୱରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମାଷ୍ଟର କ୍ୟାଂଟିନ ଛକ ଓ ମହାତ୍ମା ଗାନ୍ଧୀ ମାର୍ଗରେ ବୃକ୍ଷ ରୋପଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପରିବେଶ ସୁରକ୍ଷା ଉପରେ ଏବେ ଜନସାଧାରଣ, ବିଭିନ୍ନ ସାମାଜିକ ସଂଗଠନ ଓ ସରକାର ଅଧିକ ଗୁରୁତ୍ୱ ଦେବା ଦରକାର। ପରିବେଶ ଅସୁରକ୍ଷିତ ହେଲେ ମାନବ ସମାଜ ଧ୍ୱଂସ ହୋଇଯିବ। ପ୍ରତିଟି ବ୍ୟକ୍ତିଙ୍କର ପରିବେଶ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଭୂମିକା ରହିଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟ, ସୁନିଲ ମାଟିଆ, ସାଗର ପଟ୍ଟନାୟକ, ଅବିନାଶ ନନ୍ଦ, ଲିଙ୍ଗରାଜ ସାହୁ, ପ୍ରତ୍ୟୁଷ ରଞ୍ଜନ ପ୍ରଧାନ, ଅବଦୁଲ ସାହାରୁଖ ଖାନ, ମୃଣ୍ମୟ ସାମଲ, ୟାସ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ରାଜ୍ୟରେ କରୋନା ଟିକାକରଣ ୮୧ଲକ୍ଷ ଟପିଲା



ଭୁବନେଶ୍ୱର ,୬/୬ (ନି.ପ୍ର): ରାଜ୍ୟରେ କରୋନା ଟିକାକରଣ ୮୧ଲକ୍ଷ ଟପି ଯାଇଛି। ରାଜ୍ୟରେ ଶୁକ୍ରବାର ୯୦୪ଟି ଅଧିବେଶନରେ ୯୧,୪୩୭ଜଣଙ୍କୁ ଟିକା ଦିଆଯିବା ଫଳରେ ଏହି ସଂଖ୍ୟା ୮୧ଲକ୍ଷ ୩ହଜାର ୫୫୧କୁ ବୃଦ୍ଧି ପାଇଛି। ମାତ୍ର ୧୮-୪୪ବର୍ଗର ଟିକାକରଣ ଧିମେଇ ଯାଇଛି। ଆସନ୍ତାକାଲି ୭୭୦ ଅଧିବେଶନରେ ଟିକାକରଣ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ରାଜ୍ୟରେ ଶୁକ୍ରବାର ୧୮-୪୪ ବର୍ଗର ୭୧୮୩ଜଣଙ୍କୁ ପ୍ରଥମ, ୧୦୮୬ଜଣଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଛି। ଏହାସହ ୪୫ବର୍ଷରୁ ଅଧିକ ୭୬,୩୦୩ଜଣଙ୍କୁ ପ୍ରଥମ ଓ ୪୮୩୬ଜଣ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ରାଜ୍ୟରେ ପଞ୍ଜୀକୃତ ହୋଇଥିବା ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ୯୮ପ୍ରତିଶତ ପ୍ରଥମ ଓ ୮୯ ପ୍ରତିଶତ ଦ୍ୱିତୀୟ ଡୋଜ୍ ନେଇଥିବା ବେଳେ ଆଗଧାଡ଼ିର ଯୋଦ୍ଧାଙ୍କ ମଧ୍ୟରେ ୧୩୦ ପ୍ରତିଶତ ପ୍ରଥମ ଓ ୯୪ ପ୍ରତିଶ ଦ୍ୱିତୀୟ ଡୋଜ୍ ଟିକା ନେଇ ସାରିଲେଣି। ତେବେ ୧୮-୪୪ବର୍ଗର ଟିକାକରଣ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଏବେ ୪ହଜାରରୁ ଅଧିକ ଟିକା ମହଜୁଦ ରହିଛି। ଏଥିରେ ୨୨୯୦ 'କୋଭିସିଲ୍ଡ' ଓ ୨୪୪୦ 'କୋଭାକ୍ସିନ୍' ଟିକା ରହିଛି। ଟିକାର ଅଭାବ ପାଇଁ ଭୁବନେଶ୍ୱରରେ କେବଳ 'କୋଭାକ୍ସିନ୍'କୁ ଦ୍ୱିତୀୟ ଡୋଜ୍ ଭାବେ ଦିଆଯାଉଛି। ରାଜ୍ୟର ଅନ୍ୟ ୪ଟି ମ୍ୟୁନିସିପାଲଟି ଓ ୬ଟି ଜିଲ୍ଲାରେ 'କୋଭିସିଲ୍ଡ' ଦିଆଯାଉଛି। ତେଣୁ 'କୋଭିସିଲ୍ଡ'ର ୨ହଜାର ଟିକା ରହିଥିବାରୁ ଆସନ୍ତାକାଲି ପରେ ଟିକାକରଣ ବନ୍ଦ ହୋଇଯିବା ଏକପ୍ରକାର ସ୍ପଷ୍ଟ ହୋଇଯାଇଛି। ରାଜ୍ୟ ସରକାର ବଳକା 'କୋଭାକ୍ସିନ୍'ର ବଳକା ଟିକାକୁ ୧୮-୪୪ବର୍ଗଙ୍କୁ ଦେବା ଲାଗି ରାଜ୍ୟ ସରକାର କେନ୍ଦ୍ରକୁ ଅନୁରୋଧ କରିଛନ୍ତି। ମାତ୍ର କେନ୍ଦ୍ର ସରକାର ଏ ନେଇ କୌଣସି ଉତ୍ତର ଦେଇ ନାହାନ୍ତି। ଏହାସହ ଦୁଇ ଟିକା ଉତ୍ପାଦନକାରୀ କମ୍ପାନି ଆସନ୍ତା ୭ ଓ ୯ତାରିଖରେ ଟିକା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଧାର୍ଯ୍ୟ ସମୟ ପୂର୍ବରୁ କମ୍ପାନିଦ୍ୱୟ ଟିକା ପଠାନ୍ତି, ତାହାଲେ ପୁଣିଥରେ ଦ୍ରୁତ ଗତିରେ ଟିକାକରଣ ହୋଇପାରିବାର ସମ୍ଭାବନା ରହିଛି।

## ମାହାଙ୍ଗାର ପୂର୍ବତନ ବିଧାୟକଙ୍କ ବିୟୋଗରେ ସଂସ୍କୃତି ମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୬/୬ (ନି.ପ୍ର): ମାହାଙ୍ଗାର ପୂର୍ବତନ ବିଧାୟକ, ଓଡ଼ିଶା କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ବିକ୍ରମ କେଶରୀ ବର୍ମାଙ୍କ ବିୟୋଗରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ସ୍ୱର୍ଗତ ବର୍ମାଙ୍କୁ ଜଣେ ସୁଲେଖକ, ଶିକ୍ଷାବିତ୍, ସୁସଂଗଠକ ବୋଲି କହିବା ସହ ତାଙ୍କ ବିୟୋଗରେ ରାଜ୍ୟ ଜଣେ ପ୍ରତିଭାବାନ୍ ରାଜନେତାଙ୍କୁ ହରାଇଲା ବୋଲି କହିଛନ୍ତି । ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ସ୍ୱର୍ଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

# ରାଜଧାନୀରେ କମୁଛି ସଂକ୍ରମଣ : ୨୪ ଘଂଟାରେ ୫୬୬ ପଜିଟିଭ୍, ୧୨୩୧ ସୁସ୍ଥ

ଭୁବନେଶ୍ୱର,୦୬/୦୬ (ନି.ପ୍ର): ରାଜଧାନୀରେ କମୁଛି ସଂକ୍ରମଣ। ସଂକ୍ରମିତଙ୍କ ଦୁଇଗୁଣାରୁ ଅଧିକ ସୁସ୍ଥ ହେଉଛନ୍ତି।ସେହିଭଳି ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୯ ହଜାର ତଳକୁ ଖସିଛି। ଗତକାଲି ୯୪୬୫ ସକ୍ରିୟ ଆକ୍ରାନ୍ତ ରହିଥିବା ବେଳେ ଆଜି ତାହା ୮୭୯୬ କୁ ହ୍ରାସ ପାଇଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ରବିବାର ଆଉ ୫୬୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୧୧୨ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୪୫୪ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୨୩୧ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୪୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଓଲ୍ଡ ଟାଉନ୍ ରୁ ୨୬ ଜଣ, ନୟାପଲ୍ଲୀରୁ ୨୫ ଜଣ, ଖଣ୍ଡଗିରିରୁ ୨୨ ଜଣ , ଝାରପଡାରୁ ୧୭ ଜଣ, ପାତ୍ରପଡା ରୁ ୧୬ଜଣ , ବରମୁଣ୍ଡାରୁ ୧୬ ଜଣ, ଚନ୍ଦ୍ରଶେଖରପୁରରୁ ୧୩ ଜଣ, ଡୁମଡୁମାରୁ ୧୨ ଜଣ ଆକ୍ରାନ୍ତ ରହିଛନ୍ତି। ସେହିପରି ନୟାପଲ୍ଲୀରୁ ୧୦ ଜଣ ,ପଟିଆରୁ ୯ ଜଣ, ଓଲ୍ଡ ଟାଉନ୍ ରୁ ୮ ଜଣ,ଡୁମଡୁମାରୁ ୬ ଜଣ, ଲକ୍ଷ୍ମୀସାଗରରୁ ୬ ଜଣ , ସୁନ୍ଦରପଦା , ଜୟଦେବ ବିହାର, ରସୁଲଗଡ, ଖଣ୍ଡଗିରି ଓ ସହିଦ ନଗରରୁ ୫ ଜଣ ଲେଖାଏଁ ଆକ୍ରାନ୍ତ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୦୪୮୫ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୭୧୩୧୩ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୮୭୯୬ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୩୫୫ ରହିଛି।

## ସଂକ୍ରମଣ କମି ୯%ରେ ପହଂଚିଛି : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୦୬/୦୬ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଉଛି। ଗୋଟିଏ ସମୟ ଥିଲା ଆମର ୨୩% ଉପରେ ସଂକ୍ରମଣ ହାର ରହୁଥିଲା। ଧିରେ ଧିରେ କମି ବର୍ତମାନ ୯% ପହଂଚିଲାଣି। ସେତେବେଳେ ଟେଷ୍ଟିଂ କମ୍ ଥିଲା, ଏବେ ଟେଷ୍ଟିଂ ଗୁରୁତ୍ୱ ଦେଇ ବଢ଼ାଇଛୁ। ଏଥିରୁ ଜଣାପଡୁଛି ସଂକ୍ରମଣ କମୁଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ସେ କହିଛନ୍ତି ଯେ ସଂକ୍ରମଣରେ ବ୍ରେକ୍ ଲଗାଇବାପାଇଁ ଯେଉଁ ପ୍ରୟାସ ହୋଇଥିଲା ତାହା ସଫଳ ହୋଇଛି। ସର୍ଭେଲାନ୍ସ କାମ ଦେଇଛି। ଏହିପରି ସଂକ୍ରମଣ କମିଲେ ୭ରୁ ୮ ଦିନ ମଧ୍ୟରେ ଯାହା ଆଶା ରହିଛି ସେଠାରେ ପହଂଚିପାରିବୁ।

# ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ବୈଠକ

## ତୃତୀୟ ଲହର କରୋନା ଭୟାବହତାକୁ ନେଇ ଉଦ୍‌ବେଗ

ବାଲେଶ୍ୱର,୦୬/୦୬ (ନି.ପ୍ର): ବାଲେଶ୍ୱର ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଜିଲା ସଭାପତି ମମତା ମହାପାତ୍ର ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ୨୧ ଜଣ କର୍ମକର୍ତ୍ତା ଯୋଡ଼ିହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ୨ୟ ଲହରରେ ଜିଲାରେ କରୋନା ସଂକ୍ରମିତଙ୍କୁ ଚିକିତ୍ସାରେ ଦେଖାଦେଇଥିବା ତ୍ରୁଟିକୁ ନେଇ ଉପସ୍ଥିତ ସଦସ୍ୟମାନେ ଉଦବେଗ ପ୍ରକାଶ କରିଥିଲେ। ୩ୟ ଲହର କରୋନା ଭୟାବହତା ନେଇ ବିଭିନ୍ନ ମହଲରେ ସୂଚନା ଦିଆଯାଉଥିବା ବେଳେ ବାଲେଶ୍ୱରରେ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ସମ୍ପର୍କରେ ଜାଣିବା ପାଇଁ ଏହି ବୈଠକରେ ନିଷ୍ପତି ହୋଇଥିଲା। ଏନେଇ କମିଟିର ଏକ ପ୍ରତିନିଧି ଦଳ ତୁରନ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସାକ୍ଷାତ କରି ଅବଗତ ହେବା ସହ ୩ୟ ଲହର ପୂର୍ବରୁ ଶିଶୁ ଓ ଯୁବବର୍ଗଙ୍କୁ ଟିକାଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିବାକୁ ସମସ୍ତେ ମତ ପ୍ରକାଶ କରିଥିଲେ। କୋଭିଡ ଚିକିତ୍ସାରେ କନସେଟ୍ରେଟର ଆବଶ୍ୟକତା ଥିବା ବେଳେ କମିଟି ପକ୍ଷରୁ ଦେଶ ଓ ବିଦେଶର ବଦାନ୍ୟ ବ୍ୟକ୍ତିଙ୍କ ଆର୍ଥିକ ସହାୟତାରେ ଏହା ମେଡିକାଲ୍ କଲେଜ୍ ହସପିଟାଲକୁ ଯୋଗାଇ ଦେବାପାଇଁ ହେଉଥିବା ଉଦ୍ୟମକୁ ବୈଠକରେ ସମସ୍ତେ ସ୍ୱାଗତ କରିଥିଲେ। ସାଧାରଣ ସମ୍ପାଦକ ପ୍ରଦୀପ ଦାସଙ୍କୁ ଏଥିପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହି ବୈଠକରେ କୋଷାଧକ୍ଷ ପ୍ରଫୁଲ କୁମାର ଦାସ ଓ ଅଡିଟର ଅକ୍ଷୟ ତ୍ରିପାଠୀ କମିଟିର ଆର୍ଥିକ ସ୍ଥିତି ସଂପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଦବଂଗତ ସଦସ୍ୟ ଯତୀନ୍ଦ୍ର ମହାନ୍ତି ଓ ପରେଶ ଗାୟନଙ୍କ ଉଦ୍ଦେଶ୍ୟରେ କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଥିଲା। ଏହି ଆଲୋଚନାରେ ନିରଞ୍ଜନ ପରିଡ଼ା, ପ୍ରଭାକର ସାହୁ, ଇଂ. ହୃଷୀକେଶ ସାହୁ, ଗୌରାଙ୍ଗ ପାଣିଗ୍ରାହୀ, କୁମୁଦ ରଂଜନ ଗିରି, ବିଜୟ ଦାସ ଅଧିକାରୀ ସଚ୍ଚିଦ୍ର ଦାସ, ନିରଞ୍ଜନ ରାଉତ, ମାୟାଧର ନାୟକ, ଶ୍ରଦ୍ଧାଞ୍ଜଳି ରାୟ, ନବକୁମାର ଦାସ, ଡ. କେଶବ ଚରଣ ପଣ୍ଡା, ଡ. ଉମେଶଚନ୍ଦ୍ର ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବୀଣାପାଣି କୋଚିଂ ସେଣ୍ଟର ପକ୍ଷରୁ ରକ୍ତଦାନ

ବାଲେଶ୍ୱର,୦୬/୦୬ (ନି.ପ୍ର): ଝଗଡ଼ପାଢ଼ିସ୍ଥିତ ବୀଣାପାଣି କୋଚିଂ ସେଣ୍ଟର ପକ୍ଷରୁ ପଞ୍ଚମ ବାର୍ଷିକ ସେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଏହି ଶିବିରକୁ ଉଦଘାଟନ ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ବୀଣାପାଣି କୋଚିଂ ସେଣ୍ଟର ଭଳି ବିଭିନ୍ନ ଅନୁଷ୍ଠାନଙ୍କ ପକ୍ଷରୁ ଶିବିର ଆୟୋଜନ ଯୋଗୁଁ ଜିଲାରେ ରକ୍ତର ଅଭାବ ପୂରଣ ହୋଇପାରୁଛି ବୋଲି ସେ ମତ ପ୍ରକାଶ କରିଥିଲେ। ଉଭୟ ରକ୍ତଦାତା ଓ ଶିବିର ଆୟୋଜକ ସର୍ବଦା ପ୍ରଶଂସାର ପାତ୍ର ବୋଲି ବିଧାୟକ ଶ୍ରୀ ପରିଡ଼ା କହିଥିଲେ। ଚାନ୍ଦିପୁର ଥାନାଧିକାରୀ ଅଜୟ କୁମାର ମୁର୍ମୁ, ଆଇନଜୀବୀ ପ୍ରଣବ କୁମାର ପଣ୍ଡା, ଗ୍ରାମ୍ୟବ୍ୟାଙ୍କ ଶାଖା ପ୍ରବନ୍ଧକ ରାଜେନ୍ଦ୍ର ନାରାୟଣ ବିଶ୍ୱାଳ ଓ ଝଗଡ଼ପାଢ଼ି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପାଢ଼ୀ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସହିତ କରବା ସହ ଏହି ଶିବିର ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ବୀଣାପାଣ କୋଚିଂ ସେଣ୍ଟରର କାର୍ଯ୍ୟଧାରା ବେଶ ପ୍ରଶଂସନୀୟ ବୋଲି କହିଥିଲେ। କୋଚିଂ ସେଣ୍ଟରର ମୁଖ୍ୟ ତନୁଜା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ବିଜୟ କୁମାର ନାୟକ, ସତ୍ୟପ୍ରକାଶ ରାଉତ, ଶୁଭଶ୍ରୀ ଦାସ, ମୌସୁମୀ ବାରିକ, ଶାନ୍ତିଲତା ନାୟକ, ସବ୍ୟସାଚୀ ବେହେରା, ତାରାଶଙ୍କର ଜେନା, ଚନ୍ଦ୍ରକାନ୍ତ ଜେନା ପ୍ରମୁଖ ଏହି ଶିବିର ପରିଚାଳନା କରିଥିଲେ । ଜିଲା ରେଡକ୍ରସ ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧାୟଙ୍କ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦିତ ହୋଇଥିଲା।

# କାର ଓଲଟି ବୃଦ୍ଧା ମୃତ

ନୀଳଗିରି,୦୬/୦୬ (ନି.ପ୍ର): ଅପରାହ୍ନ ୪ଘଟିକା ସମୟରେ ମିତ୍ରପୁର-ଅଯୋଧ୍ୟା ରାସ୍ତାର ଜାମବଣି ଛକ ନିକଟରେ ଜଣେ ବୃଦ୍ଧା ଏକ କାରକୁ ଲିଫ୍ଟ ମାଗିବାରୁ ଗାଡ଼ି ଚାଳକ ତାଙ୍କୁ ନେଇ ଅଯୋଧ୍ୟା ଅଭିମୁଖେ ଯାଉଥିବା ବେଳେ ଗାଡ଼ିଚାଳକ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଗାଡ଼ିଟି ପାଲଟି ଯାଇଥିଲା । ସ୍ଥାନୀୟ ଲୋକେ ଏକ ଗାଡ଼ି ଯୋଗେ ବୃଦ୍ଧା ଓ ଗାଡ଼ିଚାଳକ ସୁମନ୍ତ ମୁଖୀ (୩୬) ଙ୍କୁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । ଡାକ୍ତର ବୃଦ୍ଧାକୁ ମୃତ ଘୋଷଣା କରିଥିବା ବେଳେ ଗାଡ଼ି ଚାଳକ ସୁମନ୍ତ ଗୁରୁତର ଆହତ ଯୋଗୁଁ ଚିକିତ୍ସିତ ହେଉଛନ୍ତି । ସୁମନ୍ତର ଘର ନୀଳଗିରି ଥାନା ଅଧୀନସ୍ଥ ଅଯୋଧ୍ୟା ଗ୍ରାମରେ ଜଣାପଡ଼ିଥିବା ବେଳେ ମୃତ ବୃଦ୍ଧାଙ୍କର ଖବର ଲେଖିଲା ବେଳକୁ ତାଙ୍କ ପରିଚୟ ମିଳି ନ ଥିବା ଜଣାପଡ଼ିଛି ।

# ଓଡିଆ ମୋ ପରିବାର ପକ୍ଷରୁ ବୃକ୍ଷରୋପଣ ଅନୁଷ୍ଠିତ



ଜଳେଶ୍ୱର,୬/୬ (ନି.ପ୍ର) : ବିଶ୍ୱ ପରିବେଶକୁ ସନ୍ତୁଳିତ ରଖିବା ଲାଗି ବୃକ୍ଷ ରୋପଣ ଏକମାତ୍ର ବିକଳ୍ପ ବୋଲି ବାଲେଶ୍ୱର ଜିଲାର ଜଳେଶ୍ୱର ସ୍ଥିତ ଅଗ୍ରୱାଲା ସୀମାନ୍ତ ବିଦ୍ୟାଳୟରେ ଆଜି ରବିବାର ଅପରାହ୍ନରେ ବୃକ୍ଷରୋପଣ କରି ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି । ସମସ୍ତେ ଅତିକମ୍‌ରେ ୫ଟି ବୃକ୍ଷ ରୋପଣ କରିବା ଉଚିତ୍ ବୋଲି ସେ କହିଥିଲେ । ଓଡିଆ ମୋ ପରିବାର ପକ୍ଷରୁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଜେଡି ଯୁବ ସଭାପତି ଆନନ୍ଦ କର, ବିନ୍ଦୁବାଳା ନନ୍ଦୀ, ମଧୁସୂଦନ ସେନାପତି, ଚନ୍ଦନ କର, ରାସବିହାରୀ ରଣା, ସୂରଜ ଚୌରାସିଆ ପ୍ରମୁଖ ଯୋଗ ଦେଇଥିଲେ ।

# ଦୁଇ ଅନୁଷ୍ଠାନ ପକ୍ଷରୁ ଅକ୍ସିଜେନ କନସେନଟ୍ରେଟର ପ୍ରଦାନ



ବାଲେଶ୍ୱର,୦୬/୦୬ (ନି.ପ୍ର): ଜିଲାର କରୋନା ମୁକାବିଲା ପାଇଁ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ମହଲରୁ ସହଯୋଗ ଜାରି ରହିଛି। ବାଲେଶ୍ୱରର ଏକାଧିକ ସଂଗଠନ ଓ ବ୍ୟକ୍ତି ବିଶେଷମାନେ ସହଯୋଗର ହାତ ବଢ଼ାଉଥିବା ଲକ୍ଷ୍ୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଲାୟନ୍ସ କ୍ଲବ ଅଫ ବାଲେଶ୍ୱର ସ୍ୟାଣ୍ଡ ସିଟି ପକ୍ଷରୁ ୩ଟି ଓ ବାଲେଶ୍ୱର ଆକ୍ୱାଟିକ ଫିଡ ଡିଲର୍ସ ଅସୋସିଏସନ ପକ୍ଷରୁ ୨ଟି ଅକ୍ସିଜେନ କନସେନଟ୍ରେଟର ପ୍ରଦାନ କରାଯାଇଛି। ଉଭୟ ସଂଗଠନର କର୍ମକର୍ତ୍ତାମାନେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲସେନ ଜଗଦେବଙ୍କୁ ଏହି ଅକ୍ସିଜେନ କଂସେନଟ୍ରେଟର ପ୍ରଦାନ କରିଥିଲେ। ସଂଗଠନମାନଙ୍କ ଏଭଳି ସହଯୋଗ ଜିଲାର କୋଭିଡ ରୋଗୀଙ୍କ ଚିକିତ୍ସା ପାଇଁ ବିଶେଷ ସହାୟକ ହେବ ବୋଲି ଜିଲାପାଳ କହିଥିଲେ। ଉଭୟ ସଂଗଠନର କର୍ମକର୍ତ୍ତଙ୍କୁ ସେ ସାଧୁବାଦ ଜଣାଇଥିଲେ। କନସେନଟ୍ରେଟର ପ୍ରଦାନ ବେଳେ ଲାୟନ୍ସ କ୍ଲବ ଅଫ ବାଲେଶ୍ୱର ସ୍ୟାଣ୍ଡ ସିଟିର ସଭାପତି ପ୍ରକାଶ ମହାନ୍ତି, ଅରୁଣ ଖଣ୍ଡେଲୱାଲ, ଦେବାଶିଷ ଦାସ, ଚିନ୍ମୟକାନ୍ତି ବିଶ୍ୱାଳ, ଜ୍ଞାନରଞ୍ଜନ ଦାସ ଓ ଆକ୍ୱାଟିକ ଫିଡ ଡିଲର୍ସ ଅସୋସିଏସନର ସମ୍ପାଦକ ଅଭୟ ମହାପାତ୍ର, ଦିଲ୍ଲୀପ କୁମାର ସାହୁ, ବିଜୟ କୁମାର ପାଣି, ମଇନୁଲ ଇସଲାମ ପ୍ରମୁଖ ଉପସ୍ଥିତ ଥିଲେ ।

# ତୃତୀୟ ଶ୍ରୀକ୍ଷେତ୍ରରେ ରଥ ନିର୍ମାଣ କାର୍ଯ୍ୟକୁ ବନ୍ଦ ପାଇଁ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ

ନୀଳଗିରି,୦୬/୦୬ (ନି.ପ୍ର): ଗତବର୍ଷ କୋଭିଡ କଟକଣା ଯୋଗୁଁ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ରଥକାର୍ଯ୍ୟ ସଂପୂର୍ଣ୍ଣ ହୋଇଥିବା ବେଳେ ଏ ବାବଦରେ ୭ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା । ସେହି ଦୃଷ୍ଟିରୁ ଚଳିତବର୍ଷ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ କୋଭିଡ୍ କଟକଣା ଦୃଷ୍ଟିରୁ ପ୍ରଶାସନିକ ଅଧିକାରୀମାନଙ୍କ ବିନା ଅନୁମତିରେ ଠାକୁରମାହାଲ ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ନ କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳ, ୫ଟି ସଚିବ , ଦେବତ୍ତୋର ବିଭାଗକୁ ଚିଠି ଲେଖିଥିଲେ। ମାତ୍ର ଏହି ଚିଠିକୁ ଆଧାର କରି ବିଭିନ୍ନ ମହଲରୁ ତୁମ୍ବିତୋଫାନ ଉଠିଛି । ସ୍ଥାନୀୟ ପ୍ରଶାସନ ଅଧିକାରୀମାନଙ୍କ ବିନା ବୈଠକ କିମ୍ବା ପ୍ରଶାସନ ଅଧିକାରୀଙ୍କ ବିନା ଅନୁମତିରେ ରଥକାମ ଆରମ୍ଭ କରାଯାଇଅଛି ବୋଲି ସାଧାରଣରେ ବେଶ ଚର୍ଚ୍ଚା ଚାଲିଛି । ତେବେ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ଚାଲିଥିବା ରଥ ନିର୍ମାଣ କାର୍ଯ୍ୟକୁ ଶେଷରେ ବାଲେଶ୍ୱର ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ପୂର୍ଣ୍ଣଚ୍ଛେଦ ପକାଇ ନୀଳଗିରି ଉପଜିଲ୍ଲାପାଳ ହରିଶ୍ଚନ୍ଦ୍ର ଜେନାଙ୍କୁ ରଥ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦଇେଥିବା ବେଳେ ସରକାରଙ୍କ ଠାରୁ ନିର୍ଦ୍ଦେଶ ଆସିଲେ ରଥ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଜେନା ସୂଚନା ଦେବା ସହ ସୋମବାର ଦିନ ବୈଠକଡକାଇ ରଥ କାର୍ଯ୍ୟ ନିର୍ମାଣ ବନ୍ଦ କରାଯିବ ବୋଲି ସୂଚନା ଦେଇଛନ୍ତି ।

# ଯୁବ ସମାଜସେବୀଙ୍କ ନିଆରା ଉଦ୍ୟମ : ତାଲାବନ୍ଦରେ ରୋଗୀ ପରିବାର ଓ ଗରିବଙ୍କୁ ରାତ୍ରୀ ଭୋଜନ ବ୍ୟବସ୍ଥା

ବାଲେଶ୍ୱର,୦୬/୦୬ (ନି.ପ୍ର): କରୋନା ଯୋଗୁଁ ଜାରି ତାଲାବନ୍ଦରେ ଡାକ୍ତରଖାନାର ରୋଗୀ ପରିବାର ଓ ଆଖପାଖରେ ରହୁଥିବା ଗରିବ ଅସହାୟଙ୍କ ସହଯୋଗର ହାତ ବଢ଼ାଇଛନ୍ତି ସହରର କିଛି ଯୁବ ସମାଜସେବୀ। ବିଶେଷ କରି ତାଲାବନ୍ଦ ଓ ସପ୍ତାହାନ୍ତ ବନ୍ଦରେ ସହରର ଦୋକାନ ବଜାର ବନ୍ଦ ରହୁଥିବାରୁ ଡାକ୍ତରଖାନାକୁ ଆସୁଥିବା ରୋଗୀ ପରିବାର ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।ଏଥି ସହିତ ଡାକ୍ତରଖାନା ପାର୍ଶ୍ୱରେ ବୁଲାବୁଲି କରୁଥିବା ଗରିବ ଓ ଅସହାୟମାନେ ମଧ ଖାଦ୍ୟ ନ ପାଇ ଓପାସରେ ରହୁଥିଲେ । ଏହାକୁ ଦୃଷ୍ଟିରେ ରଖି ବାଲେଶ୍ୱରର ଯୁବ ସମାଜସେବୀମାନେ ନିଜସ୍ୱ ପ୍ରଚେଷ୍ଟାରେ ରୋଗୀ ପରିବାର ଓ ଗରିବଙ୍କ ପାଇଁ ଦେୟମୁକ୍ତ ରାତ୍ରୀ ଭୋଜନର ବ୍ୟବସ୍ଥା କରୁଛନ୍ତି । ଦୈନିକ ୩ ଶହରୁ ୪ଶହ ଲୋକଙ୍କ ପାଇଁ ସୁସ୍ୱାଦୁ ଭୋଜନର ବ୍ୟବସ୍ଥା କରାଯାଉଥିବା ସେମାନେ କହିଛନ୍ତି । ଜଣେ ହେଲେ କେହି ଓପାସରେ ନ ରହିବା ଲକ୍ଷ୍ୟ ନେଇ ଏହି ଅଭିଯାନ ଆରମ୍ଭ ହୋଇଥିବା ସେମାନେ କହିଛନ୍ତି। ତାଲାବନ୍ଦ କଟକଣା ଉଠିବା ପର୍ଯ୍ୟନ୍ତ ସେମାନେ ଏହି ଅଭିଯାନ ଚଳାଇ ରଖିବେ ବୋଲି ସୂଚନା ଦେଇଛନ୍ତି।

# ନାବାଳିକାକୁ ଅସଦାଚରଣ ଅଭିଯୋଗ



ଜଳେଶ୍ୱର,୬/୬ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ବ୍ଲକ ବଜାରରେ ଥିବା ଏକ ଦୋକାନକୁ ଶାନ୍ତିଆ ଗ୍ରାମର ୩ ଜଣ ନାବାଳିକା ଜିନିଷ ଆଣିବାକୁ ଯାଇଥିଲେ । ଦୋକାନୀ ବିରେନ୍ ଦାସ (୬୦) ସେମାନଙ୍କୁ ଘର ସଫା କରିଦେଲେ ଚକ୍‌ଲେଟ, ପେପ୍‌ସି ଓ ଟଙ୍କା ଦେବ କହିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଅତିଛୋଟ ପିଲାକୁ ବାହାରେ ସଫା କରିବାକୁ କହି ଅନ୍ୟ ୨ଜଣଙ୍କୁ ଘରେ କବାଟ ବନ୍ଦ କରି ଅସଦାଚରଣ କରିଥିଲେ । ସେମାନେ ପାଟିତୁଣ୍ଡ କଲାପରେ ପାଖରେ ଥିବା ଲୋକମାନେ ସେମାନଙ୍କୁ ଉଦ୍ଧାର କରିଥିଲେ । ଏ ସମ୍ପର୍କରେ ଶନିବାର ସଂଧ୍ୟାରେ ଗ୍ରାମରେ ଏକ ଗ୍ରାମସଭା ଡକାଯାଇଥିଲେ ମଧ୍ୟ ସେଠାକୁ ନ ଯିବାରୁ ଏ ସମ୍ପର୍କରେ ଥାନାରେ ୧୫୯/୨୧ମୂଳେ ଅଭିଯୋଗ ହୋଇଛି । ଅଭିଯୁକ୍ତ ଫେରାର ଥିବା ଜଣାଯାଇଛି ।

# ଧଳା ଜହର ମାମଲାର ମୁଖ୍ୟ ଅଭିଯୁକ୍ତ ଗିରଫ



ବାରିପଦା,୦୬/୦୬ (ନି.ପ୍ର): ଧଳା ଜହର ମାମଲାରେ ଚିପଟଅଷ୍ଟିଆ ଅଂଳର ସେକ ମହତାବ ଅଲ୍ଲୀ ପି- ସେକ ମହମ୍ମଦ ଅଲ୍ଲୀକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇ ଥିବାର ଜଣାଯାଇଛି । ସୂଚନା ଯୋଗ୍ୟ ଯେ, ୨୦୨୦ ମସିହା ଜୁଲାଇ ମାସରେ ମୟୂରଭଞ୍ଜ ଜିଲ୍ଲାର କୁଳିଅଣା ଥାନା ଅଧିନସ୍ଥ ନିଳକମଲ ଢାବା ନିକଟରେ ସ୍ୱତନ୍ତ୍ର ଟାସ୍କଫୋର୍ସ ପକ୍ଷରୁ ଅତର୍କିତ ଭାବେ ଚଢ଼ାଉ କରି ୩କିଲୋ ୨୬୫ଗ୍ରାମର ଧଳା ଜହର ଜବତ ହେବା ସହିତ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିଲା । ଜବଦ ହୋଇ ଥିବା ବ୍ରାଉନସୁଗାରର ବଜାର ମୂଲ୍ୟ ୩କୋଟି ୨୬ଲକ୍ଷରୁ ଅଧିକ ହେବ ବୋଲି ଆକଳନ ମଧ୍ୟ କରାଯାଇଥିଲା । ତେବେ ଏହି ବଡଧରଣର ଧଳାଜହର ବ୍ୟବସାୟର ମାଷ୍ଟର ମାଇଣ୍ଡ କୁହାଯାଉଥିବା ସେକ ମହତାବ ଅଲ୍ଲୀ ଘଟଣା ସମୟରେ ଫେରାର ହୋଇ ଯିବାରେ ସକ୍ଷମ ହୋଇଥିଲା । ପୋଲିସ ମହତାବ ଅଲ୍ଲୀକୁ ଧରିବା ପାଇଁ ଜାଲ ବିଛାଇ ଥିବା ବେଳେ, ବିଶେଷ ସୂତ୍ରରୁ ଖବର ପାଇ ଶନିବାର ଚିପଟଅଷ୍ଟିଆ ଅଂଚଳରୁ ମୁଖ୍ୟ ଅଭିଯୁକ୍ତକୁ ସ୍ୱତନ୍ତ୍ର ଏସଟିଏଫ ଟିମ ଦ୍ୱାରା ଗିରଫ କରାଯାଇ ବାରିପଦା ମଣ୍ଡଳ କାରାଗାରକୁ ପଠାଇଥିବା ଡିଏସପି ପ୍ରବୀଣ ତ୍ରିପାଠୀ ସୂଚନା ଦେଇଛନ୍ତି। ତେବେ ଏହି ଧଳାଜହର ବେପାରର ଚେର ଆନ୍ତଃରାଜ୍ୟକୁ ବ୍ୟାପିଥିବାର ସୂଚନା ନେଇ ଅଧିକ ତଦନ୍ତ ଚାଲୁ ରହିଥିବା ଡିଏସପି ଶ୍ରୀ ତ୍ରିପାଠୀ ଜଣାଇଛନ୍ତି। ତେବେ ଜିଲ୍ଲାରେ ଧଳାଜହର ବେପାର ଦିନକୁ ଦିନ ବଢିଚାଲିଥିବା ବେଳେ, ନିକଟ ଅତୀତରେ ପୋଲିସ କୁ ବେଶ ସଫଳତା ମଧ୍ୟ ମିଳିଛି । ହେଲେ ଜିଲ୍ଲାରେ ଧଳାଜହର ବେପାର ଥମିବାର ନାମ ଧରୁନି । ଏହାର କବଳରେ ପଡି ବହୁ ଯୁବକଙ୍କ ଜୀବନ ନଷ୍ଟ ହେଉଥିବାର ଦେଖାଯାଉଛି ।


## ଏକାଦଶାହ ଉପଲକ୍ଷେ



### ✓ ଇଚ୍ଛାମଣୀ ମହାପାତ୍ର

ଭଗବାନପୁର, ରୂପସା, ମୟୂରଭଞ୍ଜ

ଆବିର୍ଭାବ: ୦୪.୦୮.୧୯୫୨

ତିରୋଧାନ: ୨୮.୦୫.୨୦୨୧

ବୋଉ ! ତୋର ଆକସ୍ମିକ ଚାଲିଯିବାର ଦାରୁଣ ଦୁଃଖ ଆମ୍ଭେ ଭୁଲିପାରୁନାହୁଁ । ତୋର ସ୍ନେହ, ଶ୍ରଦ୍ଧା, ଭଲପାଇବା ଚିର ଅଭୁଲାସ୍ମୃତି ହୋଇ ରହିବ । ତୋ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ଆମର ବିନମ୍ର ପ୍ରର୍ଥନା ।

ଶୋକସନ୍ତପ୍ତ: ପୁତ୍ରଗଣ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ ଏବଂ ଗୃହକର୍ତ୍ତା- ଭଗବାନ ମହାପାତ୍ର


# ଓଡିଶା ମୋ ପରିବାର ପକ୍ଷରୁ କୋଭିଡ ସହାୟତା କେନ୍ଦ୍ରର ଶୁଭାରମ୍ଭ




ବାରିପଦା,୦୬/୦୬ (ନି.ପ୍ର): କୋଭିଡ ସଂକ୍ରମିତ ଏବଂ ସମ୍ପର୍କୀୟଙ୍କ ନିମନ୍ତେ ଓଡିଶା ମୋ ପରିବାର ପକ୍ଷରୁ କୋଭିଡ ସହାୟତା କେନ୍ଦ୍ରର ଶୁଭାରମ୍ଭ ହୋଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏବଂ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଆହ୍ୱାନ କ୍ରମେ ଓଡିଶା ମୋ ପରିବାରର ଜିଲ୍ଲା ସଂଯୋଜକ ଦେବାଶିଷ ମହାନ୍ତିଙ୍କ ନେତୃତ୍ୱରେ ଏହାର ଉଦଘାଟନୀ ଉତ୍ସବ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବାରିପଦା ବାଙ୍କୀଷୋଳ କୋଭିଡ ହସ୍ପିଟାଲ ଠାରେ ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କ ଦ୍ୱାରା ଭର୍ଚୁଆଲ ମୋଡ଼ରେ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଉଦଘାଟନୀ ଉତ୍ସବରେ ବାତ୍ୟା ପର୍ଯ୍ୟବେକ୍ଷକ ଜନ୍ମଜୟ ଲେଙ୍କା, ରାଜ୍ୟସଭା ସାଂସଦ ମମତା ମହାନ୍ତ ଓ ମୋରଡ଼ା ବିଧାୟକ ରାଜକିଶୋର ଦାସ ମିଳିତ ଭାବେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଫିତା କାଟି ସହାୟତା କେନ୍ଦ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଓଡିଶା ମୋ ପରିବାର ସହାୟତାରେ କୋଭିଡ ସଂକ୍ରମିତଙ୍କ ତଥ୍ୟ ସହିତ ସାକ୍ଷାତ କରିବାକୁ ଆସିଥିବା ସମ୍ପର୍କୀୟଙ୍କୁ ଖାଦ୍ୟ, ପାନୀୟ ଜଳର ସୁବିଧା ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ଦେବାଶିଷ ମାରାଣ୍ଡି, ରାଜ୍ୟ ସମ୍ପାଦକ କୃଷ୍ଣ ଚନ୍ଦ୍ର ଦାସ, ପୁର୍ବତନ ବିଧାୟକ ଭାଦାବ ହାଁସଦା, ଜିଲ୍ଲା ମହିଳା ସଭାନେତ୍ରୀ ବୀଣାପାଣି ସାହୁ, ପୁର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୁର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଶ୍ରାବଣୀ ଦାସ, ସବିତା ବେହେରା, ସୀମା ଦାସ, ଭାରତୀ ହାଁସଦା, ପ୍ରଭାତି ପୃଷ୍ଟି, ପ୍ରୀତିନନ୍ଦା କାନୁନଗୋ, ପ୍ରଭାତ ନାଏକ, ଦେବୀଦତ୍ତ ଦାସ, ଅନନ୍ତ ଦାସ, ପ୍ରଭାତ ମହାନ୍ତି, ନିରୋଜ ସାହୁ, ଜିଲ୍ଲା ଯୁବ ସଭାପତି ଅରୁଣ ବାରାଡ, ଜିଲ୍ଲା ଛାତ୍ର ସଭାପତି ସୁନୀଲ ନାଏକ, ସରୋଜ ବୋଷ, ପୂର୍ଣ୍ଣେନ୍ଦୁ ପରିଡା, ଦୀପକ ମଢୁଆଳ, ବିକାଶ ବାରିକ ଏବଂ ମୟୂରଭଞ୍ଜ ଜିଲ୍ଲାର ଶତାଧିକ ବିଜୁ ଜନତା ଦଳ ମହିଳା, ଯୁବ ଓ ଛାତ୍ରର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୨୪ ଘଂଟା ମଧ୍ୟରେ ୨୪୧ ଜଣଙ୍କ ଠାରୁ ୨ ଲକ୍ଷ ୪୧ ହଜାର ୫୦୦ଟଙ୍କା ଜରିମାନା ଆଦାୟ

ଭଦ୍ରକ,୦୬/୦୬ (ନି.ପ୍ର): ଗତ ୨୪ଘଂଟା ମଧ୍ୟରେ ଭଦ୍ରକ ଜିଲ୍ଲାରେ ମାସ୍କ ନପିନ୍ଧିଥିବା, ସାମାଜିକ ଦୂରତ୍ୱ ଉଲ୍ଲଂଘନ ଏବଂ ମୋଟର ଭେଇକିଲ୍ ଆକ୍ଟ ଉଲ୍ଲଂଘନ କାରଣରୁ ୨ଲକ୍ଷ ୪୧ ହଜାର ୫୦୦ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ଭଦ୍ରକ ଏସ୍‌ପିଙ୍କ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଏହି ଅବଧି ମଧ୍ୟରେ ୪୩.୪ ଲିଟର ମଦ ଜବତ ହେବା ସହିତ ୩ଟି ଅବକାରୀ ମାମଲା ରୁଜୁ କରାଯାଇ ୩ ଜଣକୁ ଗିରଫ କରାଯାଇଛି। ଏହାବ୍ୟତୀତ ୫ ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida

❒ Editor: Sairindhree Sahoo